

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



Vol - 22 Issue No:138 11 September 2026 (Friday) Rourkela Rs.2.00 Page -1 ୨୨ ବର୍ଷ ସଂଖ୍ୟା:୧୩୮ ୧୧ ସେପ୍ଟେମ୍ବର ୨୦୨୬ (ଶୁକ୍ରବାର) ରାଉରକେଲା ମୂଲ୍ୟ:ଟ.୨.୦୦ ପୃଷ୍ଠା-୬


## ମୋଦିଙ୍କ ଜନ୍ମଦିନ ପାଇଁ ବିଜେପିର ବଡ଼ ଆୟୋଜନ

## ମାସେ ବ୍ୟାପୀ ଚାଲିବ ସଂକଳ୍ପ ଯାତ୍ରା, ଘରେ ଘରେ ଆଶୀର୍ବାଦ ଦୀପ ଜାଳିବାକୁ ଅପିଲ୍



ଭୁବନେଶ୍ୱର,୧୦/୯(ନି/ପ୍ର): ଏଥର ମାସେ ବ୍ୟାପୀ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପାଳିବ ବିଜେପି । ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୧୭ ଯାଏଁ ବିଜେପି ସେବା ସଂକଳ୍ପ ଅଭିଯାନ କରିବ । ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ରାଜ୍ୟ ବିଜେପି ସବୁଠୁ ବଡ଼ ରକ୍ତଦାନ ଶିବିର ଆୟୋଜନ କରିବ । ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ୧୫ ଦିନ ପାଳନ ହେଉଥିଲା, ଏଥର ରାଷ୍ଟ୍ରୀୟ ଅଧ୍ୟକ୍ଷ ୧ ମାସ ପାଳନ ପାଇଁ ଆହ୍ୱାନ ଦେଇଛନ୍ତି । ଓଡ଼ିଶାକୁ ୨ ବର୍ଷରେ ବାରମ୍ବାର ମୋଦି ଆସିଲେଣି, ତେଣୁ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନର ଏହି ମାସେ ବ୍ୟାପୀ କାର୍ଯ୍ୟକ୍ରମକୁ ସଫଳ କରିବାକୁ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ରାଜ୍ୟବାସୀଙ୍କୁ ଅପିଲ କରିଛନ୍ତି । ୧୭ ତାରିଖ ସନ୍ଧ୍ୟା ୭ଟାରେ ଘରେ ଘରେ ଆଶୀର୍ବାଦ ଦୀପ ଜାଳିବାକୁ କହିଛନ୍ତି। ସ୍କୁଲ କଲେଜରେ କାର୍ଯ୍ୟକ୍ରମ, ପଥ ପ୍ରାନ୍ତ ନାଟକ ଏବଂ ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ସାମିଲ ହେବାକୁ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଛନ୍ତି । ମନମୋହନ ସାମଲ କହିଛନ୍ତି ଯେ, ମୋଦିଙ୍କ ଶାସନରେ ବହୁ ପରିବର୍ତ୍ତନ, ବହୁ ସଂସ୍କାର, ବହୁ ଭିତିଭୂମି ପ୍ରତିଷ୍ଠା ହୋଇଛି । ୨୫ କୋଟି ଲୋକଙ୍କୁ ଦ୍ରାରିଦ୍ର୍ୟ ସୀମାରେଖା ଉପରକୁ ନେବା, ୪ କୋଟି ଲୋକଙ୍କୁ ବାସଗୃହ, ୮୦ କୋଟି ଲୋକଙ୍କୁ ଖାଦ୍ୟ ସୁରକ୍ଷା ଆଇନରେ ସାମିଲ କରାଇବା, କୋଭିଡ୍ ର ସଫଳ ପରିଚାଳନା, ଦେଶର ବଜେଟ୍ ୨୦ ଲକ୍ଷ କୋଟିରେ ପହଚାଂଇବା ମୋଦିଙ୍କ ବଡ଼ ସଫଳତା। ତଳ ସ୍ତରର ଲୋକଙ୍କ ମୌଳିକ ସମସ୍ୟା ସମାଧାନ ପାଇଁ ମୋଦିଙ୍କ ନିଷ୍ଠା ଏବଂ କଠିନ ପରିଶ୍ରମ ସବୁବେଳେ ରହିଛି। ଆତଙ୍କବାଦରେ ରୋକ୍, ନକ୍ସଲ ମୁକ୍ତ ଭାରତବର୍ଷ ଭଳି ଅସମ୍ଭବ କାମ ସବୁ ମୋଦି କରିଛନ୍ତି । ଭାରତକୁ ବିଶ୍ୱର ୪ ନମ୍ବର ଅର୍ଥନୀତିକରିବାରେ ମଧ୍ୟ ସଫଳ ହୋଇଛନ୍ତି। ଏଥର ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ବିଜେପି ବଡ଼ ଆୟୋଜନ କରୁଛି । ଏନେଇ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ପ୍ରତ୍ୟେକ ସ୍କୁଲ ଏବଂ କଲେଜରେ ଚିତ୍ରାଙ୍କନ ଏବଂ ଭାଷଣ ପ୍ରତିଯୋଗିତା ହେବ ଯେଉଁଥିରେ ବିଧାୟକ ଏବଂ ଜନ ପ୍ରତିନିଧିମାନେ ଉପସ୍ଥିତ ରହିବେ ଅଙ୍ଗନବାଡି କେନ୍ଦ୍ରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପରିବର୍ତ୍ତନର କାହାଣୀ ଫଟୋ ଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହେବ । ରାସ୍ତା ଏବଂ ଛକରେ ନମୋ ସେବା ଗାଥା ପଥ ପ୍ରାନ୍ତ ନାଟକ ଅନୁଷ୍ଠିତ ହେବ । ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ଯୁବକମାନଙ୍କୁ ସାମିଲ କରାଯିବ ।


**ଆବଶ୍ୟକ**

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rourkela,

Mob:9692048008

Email: utkalsamachar@gmail.com


### ଭୁବନେଶ୍ୱରରୁ ବ୍ୟାଙ୍କକ୍‌କୁ ପୁଣି ଉଡ଼ିବ ବିମାନ

ଭୁବନେଶ୍ୱର,୧୦/୯(ନି/ପ୍ର): ରାଜଧାନୀ ଭୁବନେଶ୍ୱରରୁ ଥାଇଲାଣ୍ଡର ବ୍ୟାଙ୍କକ୍‌କୁ ପୁଣି ଆରମ୍ଭ ହେବ ବିମାନ ସେବା। ଆସନ୍ତା ଅକ୍ଟୋବର ୨ରୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ବ୍ୟାଙ୍କକ୍‌କୁ ବିମାନ ଚଳାଚଳ ଆରମ୍ଭ ହେବ ବୋଲି ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ସୂଚନା ଦେଇଛନ୍ତି ।ପ୍ରସନ୍ନ ପ୍ରଧାନଙ୍କ ସୂଚନା ଅନୁଯାୟୀ, ବ୍ୟାଙ୍କକ୍‌କୁ ଏହି ବିମାନ ସେବା ସପ୍ତାହକୁ ଦୁଇଥର ଚାଲିବ। କିଛି କାରଣରୁ ପୂର୍ବରୁ ଏହି ରୁଟ୍‌ରେ ବିମାନ ଉଡ଼ାଣ ବନ୍ଦ ରହିଥିଲା ।ଏବେ ପୁଣି ଏହି ଅନ୍ତର୍ଜାତୀୟ ରୁଟ୍‌ରେ ବିମାନ ଚଳାଚଳ ଆରମ୍ଭ ହେବା ନେଇ ଯାତ୍ରୀଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି। ବ୍ୟାଙ୍କକ୍ ?କୁ ସିଧାସଳଖ ବିମାନ ସେବା ଆରମ୍ଭ ହେଲେ ଓଡ଼ିଶାରୁ ଥାଇଲାଣ୍ଡ ଯାତାୟାତ ଅଧିକ ସୁବିଧାଜନକ ହେବ। ବିଶେଷକରି ପର୍ଯ୍ୟଟକ, ବ୍ୟବସାୟୀ ଓ ଅନ୍ତର୍ଜାତୀୟ ଯାତ୍ରୀମାନେ ଏଥିରୁ ଲାଭ ପାଇବେ।

## ଆଜି ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ

ନୂଆଦିଲ୍ଲୀ,୧୦/୯: ପାଂଚଦିନିଆ କାର୍ଯ୍ୟ ସପ୍ତାହ ଲାଗୁ କରିବାରେ ବିଳମ୍ବ, ପ୍ରଦର୍ଶନ ଆଧାରିତ ପ୍ରୋତ୍ସାହନ (ପିଏଲ୍‌ଆଇ) ସ୍କିମ୍‌କୁ ନେଇ ମତଭେଦ ଓ ଅନ୍ୟାନ୍ୟ ଦାବି ପୂରଣ କରାଯାଉନଥିବାରୁ ଆସନ୍ତାକାଲି ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ (ୟୁଏଫ୍‌ବିୟୁ) ପକ୍ଷରୁ ଦେଶବ୍ୟାପୀ ଦିନିକିଆ ଧର୍ମଘଟ କରାଯିବ। ଯୋଜନା ଅନୁସାରେ ଧର୍ମଘଟ ହେଲେ ଚାରି ଦିନ ପାଇଁ ବ୍ୟାଙ୍କ ସେବା ପ୍ରଭାବିତ ହେବ। ଆସନ୍ତାକାଲି ଶୁକ୍ରବାର ଧର୍ମଘଟ, ମାସର ଦ୍ୱିତୀୟ ଶନିବାର, ରବିବାର ଓ ଗଣେଶ ପୂଜା ପାଇଁ ସୋମବାର ଛୁଟି ରହିବ। ଏହି ଦିନଗୁଡ଼ିକରେ ମୁଖ୍ୟତଃ ରାଷ୍ଟ୍ରାୟତ ବ୍ୟାଙ୍କଗୁଡ଼ିକରେ କାର୍ଯ୍ୟ ପ୍ରଭାବିତ ହେବ ।ଦାବି ପୂରଣ କରିବା ଲାଗି ୟୁଏଫ୍‌ବିୟୁ ପକ୍ଷରୁ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରାଯାଇଛି। ଆସନ୍ତାକାଲିର ଦିନିକିଆ ଦେଶବ୍ୟାପୀ ଧର୍ମଘଟ ପରେ ଯଦି ଦାବିଗୁଡ଼ିକ ପୂରଣ ନ ହେବ ତେବେ ଚଳିତ ମାସ ୨୮ରୁ ୩୦ ପର୍ଯ୍ୟନ୍ତ ଧର୍ମଘଟ ହେବ। ଏହା ପରେ ଆସନ୍ତା ଅକ୍ଟୋବର ୨୬ ପରଠାରୁ ଆମରଣ ଅନଶନ କରାଯିବ। ପାଂଚ ଦିନିଆ କାର୍ଯ୍ୟସପ୍ତାହ ଲାଗୁ କରିବା ପାଇଁ ୨୦୨୪ରେ ନିଷ୍ପତି ହୋଇଥିଲା। ସବୁ ଶନିବାର ଛୁଟି ହେବ ବୋଲି କୁହାଯାଇଥିଲା। ଏହା ବଦଳରେ କର୍ମଚାରୀମାନେ ସୋମବାରରୁ ଶୁକ୍ରବାର ଅତିରିକ୍ତ ୪୦ ମିନିଟ୍ କାମ କରିବେ ବୋଲି କହିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ସେହି ନିଷ୍ପତି ଲାଗୁ କରାଯାଉନାହିଁ। ବାଧ୍ୟ ହୋଇ କର୍ମଚାରୀମାନେ ଆନ୍ଦୋଳନ ପନ୍ଥା ଆପଣାଇଛନ୍ତି ବୋଲି ୟୁଏଫ୍‌ବିୟୁ ପକ୍ଷରୁ କୁହାଯାଇଛି।

### ଇରାନର ପରମାଣୁ କେନ୍ଦ୍ରରେ ନିର୍ମାଣ କାମ ଜୋରଦାର

ୱାଶିଂଟନ,୧୦/୯: ଆମେରିକା ସହ ସାମରିକ ସଂଘର୍ଷ ଲାଗି ରହିଥିବାବେଳେ ଇରାନର ଭୂତଳ ପରମାଣୁ କେନ୍ଦ୍ର 'ପିକ୍-ଆକ୍ସ ମାଉଣ୍ଟେନ୍'ରେ ନିର୍ମାଣ କାର୍ଯ୍ୟ ବ୍ୟାପକ ଭାବେ ବୃଦ୍ଧି ପାଇଥିବା ଉପଗ୍ରହ ଚିତ୍ରରୁ ସ୍ପଷ୍ଟ ହୋଇଛି। ଆମେରିକାର ଗବେଷଣା ସଂସ୍ଥା 'ସେଂଟର ଫର୍ ଷ୍ଟ୍ରାଟେଜିକ୍ ଆଣ୍ଡ ଇଂଟରନ୍ୟାସନାଲ ଷ୍ଟଡିଜ୍' (ସିଏସ୍‌ଆଇଏସ୍)ର ରିପୋର୍ଟ ଆଧାରରେ ଗଣମାଧ୍ୟମରେ ଏହି ସୂଚନା ପ୍ରକାଶ ପାଇଛି। ନାତାଞ୍ଜ ପରମାଣୁ କେନ୍ଦ୍ର ନିକଟସ୍ଥ କୋ-ଏ କୋଲାଙ୍ଗ ଗାଜ୍ ଲା ପାହାଡ଼ ତଳେ ଭୂପୃଷ୍ଠରୁ ପ୍ରାୟ ୮୦ ରୁ ୧୦୦ ମିଟର ଗଭୀରତାରେ ଏହି ଗୁପ୍ତ ଭୂତଳ କେନ୍ଦ୍ର ନିର୍ମାଣ ହେଉଛି। ବିଗତ ୬ ବର୍ଷର ଉପଗ୍ରହ ଚିତ୍ରକୁ ଯାଚଂ କରିବା ପରେ ଜଣାପଡ଼ିଛି ଯେ, ୨୦୨୬ ମସିହାରେ ଏଠାରେ ସବୁଠାରୁ ଅଧିକ ନିର୍ମାଣ କାର୍ଯ୍ୟ ଓ ରାସ୍ତାଘାଟ କାମ ଚାଲିଛି। ଟନେଲଗୁଡ଼ିକର ପ୍ରବେଶ ପଥକୁ ଆହୁରି ମଜଭୁତ କରାଯାଉଛି ।

## ଟ୍ରମ୍ପଙ୍କ ବଡ଼ ଘୋଷଣା :କହିଲେ ବୟସ୍କଙ୍କୁ ଦେବି ୫,୦୦୦ ଡଲାର



ୱାସିଂଟନ,୧୦/୯: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରିପବ୍ଲିକାନ୍ ମଧ୍ୟବର୍ତୀକାଳୀନ ସମ୍ମିଳନୀର ଉଦ୍‌ଘାଟନୀ ରାତିରେ ଏକ ବଡ଼ ପ୍ରତିଶ୍ରୁତି ଦେଇଛନ୍ତି। ନଭେମ୍ବରରେ ହେବାକୁ ଥିବା ମଧ୍ୟବର୍ତୀକାଳୀନ ନିର୍ବାଚନ ପରେ ଯଦି ତାଙ୍କ ରିପବ୍ଲିକାନ୍ ଦଳ କଂଗ୍ରେସର ଉଭୟ ଗୃହ ଉପରେ ନିୟନ୍ତ୍ରଣ ବଜାୟ ରଖେ, ତେବେ ପ୍ରତ୍ୟେକ ବୟସ୍କ ଆମେରିକୀୟ ନାଗରିକମାନଙ୍କୁ ୫,୦୦୦ ଡଲାର ଦେବେ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ନଭେମ୍ବରରେ ଆମେରିକାରେ ମଧ୍ୟବର୍ତୀକାଳୀନ ନିର୍ବାଚନ ପୂର୍ବରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ମାଷ୍ଟରଷ୍ଟ୍ରୋକ୍ ଖେଳି ନିଜର ଲୋକପ୍ରିୟତା ହ୍ରାସ ପାଉଥିବାବେଳେ ଭୋଟରମାନଙ୍କୁ ହାତେଇବା ପାଇଁ ଉପହାରର ବଡ଼ ଥୋପ ପକାଇଛନ୍ତି। ସେ ଘୋଷଣା କରିଛନ୍ତି ଯେ, ଯଦି ରିପବ୍ଲିକାନ୍ ପାର୍ଟି ଆଗାମୀ ନିର୍ବାଚନରେ ପ୍ରତିନିଧି ସଭା ଏବଂ ସେନେଟ୍ ଉଭୟରେ ବିଜୟୀ ହୁଏ, ତେବେ ପ୍ରତ୍ୟେକ ବୟସ୍କ ଆମେରିକୀୟ ନାଗରିକଙ୍କୁ ପ୍ରାୟ ୫ ହଜାର ଡଲାର ବା ପ୍ରାୟ ୫ ଲକ୍ଷ ଟଙ୍କା ମିଳିବ। ରିପବ୍ଲିକାନ୍ ପାର୍ଟି ଟେକ୍ସାସର ଡାଲାସରେ ଏହାର ପ୍ରଥମ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପ୍ରଚାର ଆରମ୍ଭ କରିଥିଲା। ଏହି ସମୟରେ, ଟ୍ରମ୍ପ ଆମେରିକୀୟ ନାଗରିକଙ୍କୁ ଏହି ଉପହାର ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଦେଶର ଦୃଢ଼ ଆର୍ଥିକ ଅବସ୍ଥା ଏବଂ ଆର୍ଥିକ ସଫଳତା ଯୋଗୁଁ ଟ୍ରମ୍ପ୍ ଏହି ରାଶି ପ୍ରଦାନ କରିବେ ବୋଲି କହି ଯୋଜନାର ନାମ ଟ୍ରମ୍ପ୍ ଡିଭିଡେଣ୍ଡ ଦେଇଛନ୍ତି। ସେ ଏହି ଲାଭାଂଶ ଉପରେ ଏକ ସର୍ତ୍ତ ମଧ୍ୟ ରଖି କହିଛନ୍ତି, ଏହି ଟଙ୍କା ଆମେରିକା ଭିତରେ ଖର୍ଚ୍ଚ ହେବା ଆବଶ୍ୟକ। ମୁଁ ଚାହୁଁ ନାହିଁ, ଲୋକମାନେ ଏହି ଟଙ୍କା ନେଇ କାନାଡା, ଚୀନ୍ କିମ୍ବା ଜର୍ମାନୀକୁ ଯାଇ ଖର୍ଚ୍ଚ କରନ୍ତୁ। ତେବେ ଏହି ଟଙ୍କା ପାଇବା ପାଇଁ ଲୋକଙ୍କୁ କେଉଁ ସର୍ତ୍ତ ପୂରଣ କରିବାକୁ ପଡିବ ତାହା ନିର୍ଦ୍ଦିଷ୍ଟ କରିନାହାନ୍ତି। ସରକାର ଏହାକୁ ଲୋକଙ୍କୁ କିପରି ବଣ୍ଟନ କରିବେ ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ଆକଳନ ଅନୁଯାୟୀ, ସାରା ବିଶ୍ୱରେ ପ୍ରାୟ ୨୪ କୋଟି ୫୦ ଲକ୍ଷ ବୟସ୍କ ଆମେରିକୀୟ ନାଗରିକ ଅଛନ୍ତି। ଯଦି ସମସ୍ତଙ୍କୁ ୫,୦୦୦ ଡଲାର ଦିଆଯାଏ, ତେବେ ଏହି ଯୋଜନାରେ ପ୍ରାୟ ୧.୨୨ ଟ୍ରିଲିୟନ ଡଲାର (ପ୍ରାୟ ୧୧.୬ ଲକ୍ଷ କୋଟି ଟଙ୍କା) ଖର୍ଚ୍ଚ ହୋଇପାରେ। ଟ୍ରମ୍ପ ଆମେରିକାରେ ରହୁଥିବା ବୟସ୍କ ନାଗରିକଙ୍କ ବିଷୟରେ ଉଲ୍ଲେଖ କରିଥିଲେ। ଫଳସ୍ୱରୂପ, ବିଦେଶରେ ରହୁଥିବା ପ୍ରାୟ ୨୦ ଲକ୍ଷ ଆମେରିକୀୟ ନାଗରିକ ଏହି ଯୋଜନାରୁ ବାଦ୍ ପଡ଼ିପାରନ୍ତି। ଏହି ପ୍ରସ୍ତାବର ଆଉ କୌଣସି ବିବରଣୀ ବର୍ତମାନ ପ୍ରକାଶ କରାଯାଇ ନାହିଁ। ଏହା ମଧ୍ୟ ସ୍ପଷ୍ଟ ହୋଇନାହିଁ, ସରକାର କିପରି ଯାଚଂ କରିବେ ଯେ, ଲାଭାଂଶ କେବଳ ଆମେରିକାରେ ଖର୍ଚ୍ଚ ହେଉଛି। ଏହା ମଧ୍ୟ ସ୍ପଷ୍ଟ ହୋଇନାହିଁ ଯୋଜନା ପାଇଁ ବୟସ ବ୍ୟତୀତ ଆୟ କିମ୍ବା ଅନ୍ୟାନ୍ୟ ଯୋଗ୍ୟତା ମାନଦଣ୍ଡକୁ ବିଚାର କରାଯିବ କି ନାହିଁ।

## ଜେଲେନସ୍କିଙ୍କ ବିମାନ ଡ୍ରୋନ୍ ଧକ୍କାରୁ ଅଳ୍ପକେ ରକ୍ଷା ପାଇଲା : ନରୱେ ପ୍ରଧାନମନ୍ତ୍ରୀଙ୍କ ସୂଚନା




ଓସଲୋ,୧୦/୯: ନରୱେ ରାଜାଙ୍କ ଅନ୍ତିମ ସଂସ୍କାରରେ ଯୋଗଦେବା ପାଇଁ ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କୁ ନେଇ ଯାଉଥିବା ଏକ ବିମାନ ମାଲଡୋଭାରୁ ଉଡ଼ାଣ କରିବା ସମୟରେ ଏକ ଡ୍ରୋନ୍ ଦ୍ୱାରା ଧକ୍କା ହେବାରୁ ଅଳ୍ପକେ ରକ୍ଷା ପାଇଛି। ନରୱେ ପ୍ରଧାନମନ୍ତ୍ରୀ ଜୋନାସ୍ ଗାହର ଷ୍ଟୋରି ଏନେଇ ସୂଚନା ପ୍ରଦାନ କରିଛନ୍ତି। ୟୁକ୍ରେନର ପଡ଼ୋଶୀ ଦେଶ ମାଲଡୋଭାରୁ ଉଡ଼ାଣ ଆରମ୍ଭ କରିବା ସମୟରେ ଏଭଳି ଘଟିଥିବା ସେ କହିଛନ୍ତି। ତେବେ ଷ୍ଟୋରି ଏହି ସୂଚନା କେଉଁଠାରୁ ପାଇଲେ କିମ୍ବା ଡ୍ରୋନ୍‌ଟି ଜେଲେନସ୍କିଙ୍କ ବିମାନର କେତେ ନିକଟତର ଥିଲା ସେସମ୍ପର୍କରେ କୌଣସି ତଥ୍ୟ ପ୍ରଦାନ କରିନାହାନ୍ତି। ବୁଧବାର ଦିନ ନରୱେର ରାଜା ହାରାଲ୍ଡ ପଞ୍ଚମଙ୍କ ଅନ୍ତିମ ସଂସ୍କାରରେ ଜେଲେନସ୍କି ଯୋଗ ଦେଇଥିଲେ, ଅନ୍ୟ ରାଷ୍ଟ୍ରମୁଖ୍ୟମାନଙ୍କ ସହିତ ଓସଲୋରେ ତାଙ୍କ କଫିନ ପଛରେ ସେ ଚାଲିଚାଲି ଯାଇଥିଲେ। ଅନ୍ତିମ ସଂସ୍କାର ପରେ ସେ ନରୱେ ଛାଡ଼ି ଦେଇଥିଲେ। ମାଲଡୋଭାର ସରକାରୀ ମୁଖପାତ୍ର ଡୁମିଟ୍ରି ଟିଓରିସି କହିଛନ୍ତି ଯେ ସେହି ସମୟରେ ଦେଶ ଉପରେ ଉଡୁଥିବା ବିମାନକୁ ସୁରକ୍ଷା ଦେବା ପାଇଁ ଆକାଶ ମାର୍ଗ ବନ୍ଦ କରିଦିଆଯାଇଥିଲା। ଫଳରେ ୟୁକ୍ରେନୀୟ ରାଷ୍ଟ୍ରପତି ଜେଲେନସ୍କିଙ୍କୁ ନେଇ ଯାଉଥିବା ବିମାନ ସମେତ ତିନୋଟି ବିମାନର ଉଡ଼ାଣ ବିଳମ୍ବ ହୋଇଥିଲା। ପରିସ୍ଥିତି ସୁଧୁରିବା ପରେ ଜେଲେନସ୍କିଙ୍କ ଉଡ଼ାଣ ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ ହୋଇଥିଲା। ଅଧିକାରୀମାନେ କହିଛନ୍ତି ଯେ ଡ୍ରୋନ୍ ପ୍ରଥମେ ନାଟୋ ସଦସ୍ୟ ରୋମାନିଆର ଆକାଶମାର୍ଗରେ ପ୍ରବେଶ କରିଥିଲା। ରୋମାନିଆର ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ସ୍ପେନର ବାୟୁ ଏବଂ ମହାକାଶ ବାହିନୀର ଦୁଇଟି ଏଫ-୧୮ ଲଢୁଆ ବିମାନକୁ ଡ୍ରୋନ୍ ଉପରେ ନଜର ରଖିବା ପାଇଁ ପଠାଯାଇଥିଲା। ଏହା ପରେ ଡ୍ରୋନ୍‌ଟି ମୋଲଡୋଭାର ଆକାଶମାର୍ଗରେ ପୁନର୍ବାର ପ୍ରବେଶ କରିଥିଲା। ମାଲଡୋଭା ପୁଲିସର ସୂଚନା ଅନୁଯାୟୀ, ଦେଶର ରିସକାନି ଜିଲ୍ଲାର ଏକ ଗାଁ ବାହାରେ ଏକ ସୂର୍ଯ୍ୟମୁଖୀ କ୍ଷେତରେ ରୁଷ ଡ୍ରୋନ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା, ଯାହା ଫଳରେ ଚାରୋଟି ସ୍ଥାନରେ ଅଗ୍ନିକାଣ୍ଡ ଘଟିଥିଲା। କୌଣସି ମୃତାହତର ଖବର ମିଳିନାହିଁ। ରାଜଧାନୀ ଚିସିନାଉର ଅନ୍ତର୍ଜାତୀୟ ବିମାନବନ୍ଦରରୁ ପ୍ରାୟ ୧୬୦ କିଲୋମିଟର ଦୂରରେ ତଳେ ପଡ଼ି ଡ୍ରୋନ୍‌ଟି ବିସ୍ଫୋରଣ ହୋଇଥିଲା। ତଦନ୍ତ ପରେ ମାଲଡୋଭା ପୁଲିସ ଏବଂ ବିଶେଷଜ୍ଞମାନେ କହିଛନ୍ତି ଯେ, ଘଟଣାସ୍ଥଳରୁ ଏକ ଡ୍ରୋନର ଖଣ୍ଡ ମିଳିଛି, ଯେଉଁଥିରେ ଏକ ପ୍ରପଲ୍ସନ ସିଷ୍ଟମ ଏବଂ ଜେରାନ ପ୍ରକାରର ଡ୍ରୋନ୍ ସହିତ ସଦୃଶ ଅନ୍ୟାନ୍ୟ ବୈଶିଷ୍ଟ୍ୟ ରହିଛି। ୟୁକ୍ରେନ ବିରୋଧରେ ଯୁଦ୍ଧରେ ରୁଷ ଏହିପରି ଡ୍ରୋନ୍‌ଗୁଡ଼ିକୁ ବହୁଳ ଭାବରେ ବ୍ୟବହାର କରୁଛି। ପୁଲିସ କହିଛି, ବିସ୍ଫୋରଣ ଯୋଗୁ ଏକ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ବିଶେଷଜ୍ଞମାନେ ବ୍ୟବହୃତ ବିସ୍ଫୋରକର ପ୍ରକାର ଏବଂ ପରିମାଣ ନିର୍ଣ୍ଣୟ କରିବା ପାଇଁ କାମ କରୁଛନ୍ତି। ୟୁକ୍ରେନ ରୋମାନିଆ ଏବଂ ମୋଲଡୋଭା ଉଭୟ ସହିତ ସୀମା ରହିଛି।

## ଓଡ଼ିଶାକୁ ପୁଞ୍ଜି ଆଣିବାକୁ ଆବୁଧାବିରେ ମାରାଥନ ବୈଠକ !

### ଉଦ୍ୟୋଗୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ




ଆବୁଧାବି,୧୦/୯: ଓଡ଼ିଶା ଇନଭେଷ୍ଟର୍ସ ମିଟ୍ ପାଇଁ ପାଚଂ ଦିନିଆ ୟୁଏଇ ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଆବୁଧାବି ପହଚିଂବା ପରଠୁ ଆଜି ଯାଏଁ ଅନ୍ତର୍ଜାତୀୟ ନିବେଶକଙ୍କ ସହ ମାରାଥନ ବୈଠକ କରୁଛନ୍ତି । ଇନଭେଷ୍ଟର୍ସ ମିଟ ଅଭିଯାନର ପ୍ରଥମ ଦିନରେ ଆଇଏଚସି ଗ୍ରୁପ ଓଡ଼ିଶାରେ ନିବେଶ ପାଇଁ ଆଗ୍ରହ ଦେଖାଇଛି। ୧୪ ପ୍ରକଳ୍ପରେ ୨.୧୦୫ ଟ୍ରିଲିୟନ ନିବେଶ ହେବ ବୋଲି ଆକଳନ କରାଯାଉଛି । ସେହିପରି ଓଡ଼ିଶାଭିତ୍ତିକ କମ୍ପାନିଙ୍କ ଉତ୍ପାଦକୁ ବିଶ୍ୱ ବଜାରରେ ପହଚାଂଇବାକୁ ରାଉଣ୍ଡଟେବଲ୍‌ରୁ ବୈଠକ କରିଛନ୍ତି। ଅନେକ ଅନ୍ତର୍ଜାତୀୟ କମ୍ପାନି ସହ ବୈଠକ କରି ଓଡ଼ିଶାରେ ନିବେଶ କେତେ ଲାଭବାନ ବୁଝାଉଛନ୍ତି । ଧାତୁ ଶିଳ୍ପ, ଦୁର୍ଲଭ ମୃତ୍ତିକା ଓ ଗୁରୁତ୍ୱପୂର୍ଣ୍ଣ ଖଣିଜ, କୋଇଲାରୁ ରସାୟନ ଉତ୍ପାଦନ, ବନ୍ଦରଭିତ୍ତିକ ଝରତ ଏବଂ ଶିଳ୍ପ ଭିତିଭୂମି କ୍ଷେତ୍ରରେ ନିବେଶ ସମ୍ଭାବନା ଉପରେ ଆଲୋଚନା ହୋଇଛି । ଅଦାନୀ ଗ୍ରୁପ୍ ଓ ଆଇଏଚସି ଗ୍ରୁପ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ। ୧୪ଟି ପ୍ରକଳ୍ପରେ ନିବେଶ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ପ୍ରକଳ୍ପ ଗୁଡ଼ିକରେ ପ୍ରାୟ ୨.୧୦୫ ଟ୍ରିଲିୟନ୍ ନିବେଶ ହେବାର ଆକଳନ କରାଯାଉଛି। ଓଡ଼ିଶା ଓ ୟୁଏଇ ମଧ୍ୟରେ ବାଣିଜ୍ୟ, ରପ୍ତାନି ଓ ବ୍ୟବସାୟିକ ସହଯୋଗ ବୃଦ୍ଧି ଉପରେ ଆଲୋଚନା ହୋଇଛି । ହଳଦୀ, ଅଦା, ସାମୁଦ୍ରିକ ଖାଦ୍ୟ, ଖାଦ୍ୟ ପ୍ରକ୍ରିୟାକରଣ ଓ ପ୍ରମୁଖ ୟୁଏଇ ବ୍ରାଣ୍ଡ ପାଇଁ କଣ୍ଟ୍ରାଂକ୍ଟ ମ୍ୟାନୁଫ୍ୟାକଚରିଂ କ୍ଷେତ୍ରରେ ସୁଯୋଗ ଉପରେ ଗୁରୁତ୍ୱ ଦିଆଯାଇଛି ।

## ବ୍ରିକ୍ସ ସମ୍ମିଳନୀକୁ ନେଇ ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

### ମୁତୟନ ହେବେ ୭ ହଜାର ଯବାନ

ନୂଆଦିଲ୍ଲୀ,୧୦/୯ :ଆସନ୍ତା ୧୧ରୁ ୧୩ ସେପ୍ଟେମ୍ବର ପର୍ଯ୍ୟନ୍ତ ଭାରତ ମଣ୍ଡପମ୍‌ରେ ଆୟୋଜିତ ହେବାକୁ ଥିବା ତିନିଦିନିଆ ବ୍ରିକ୍ସ ଶିଖର ସମ୍ମିଳନୀ ପାଇଁ ଜାତୀୟ ରାଜଧାନୀ ସମ୍ପୂର୍ଣ୍ଣ ପ୍ରସ୍ତୁତ। ମାସକ ଧରି ଚାଲିଥିବା ପ୍ରସ୍ତୁତି ଏବେ ଶେଷ ପର୍ଯ୍ୟାୟରେ ପହଚିଂଛି। ଅନ୍ତର୍ଜାତୀୟ ପ୍ରତିନିଧିମାନଙ୍କ ଆଗମନକୁ ଦୃଷ୍ଟିରେ ରଖି ସହରର ପ୍ରମୁଖ ଅଂଚଳରେ ସୌନ୍ଦର୍ଯ୍ୟକରଣ ସହ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ା କରାଯାଇଛି ।କନଟ୍ ପ୍ଲେସ୍, ଖାନ୍ ମାର୍କେଟ୍ ସମେତ ପ୍ରମୁଖ ଅଂଚଳରେ ବ୍ରିକ୍ସ ସମ୍ମିଳନୀ ସମ୍ପର୍କିତ ବ୍ୟାନର ଲଗାଯାଇଥିବା ବେଳେ ରାତିରେ ଆଲୋକୀକରଣକୁ ମଧ୍ୟ ବଢ଼ାଯାଇଛି । ପ୍ରତିନିଧିମାନଙ୍କ ଯାତାୟାତ ସୁଗମ କରିବା ଏବଂ ସୁରକ୍ଷା ନିଶ୍ଚିତ କରିବା ପାଇଁ କିଛି ରାସ୍ତାରେ ଟ୍ରାଫିକ୍ ନିୟମ କଡ଼ାକଡ଼ି କରାଯିବା ସହ ଆବଶ୍ୟକସ୍ଥଳେ ସ୍ଥାନୀୟ ଯାତାୟାତ ବନ୍ଦ କରାଯିବ ।ନୂଆଦିଲ୍ଲୀ ଜିଲ୍ଲା ଡିସିପି ସଚିନ ଶର୍ମା କହିଛନ୍ତି ଯେ ସମ୍ମିଳନୀକୁ ଦୃଷ୍ଟିରେ ରଖି ଆଇନଶୃଙ୍ଖଳା, ସୁରକ୍ଷା ଏବଂ ଆତଙ୍କବାଦ ବିରୋଧୀ ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ପୋଲିସ କର୍ମଚାରୀଙ୍କୁ ଏକାଧିକ ପର୍ଯ୍ୟାୟରେ ବ୍ରିଫିଂ ଦିଆଯାଇଥିବା ବେଳେ ବରିଷ୍ଠ ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥାର ପ୍ରତ୍ୟେକ ଦିଗ ଯାଚଂ କରୁଛନ୍ତି ।ସମ୍ମିଳନୀ ସମୟରେ ଦିଲ୍ଲୀ ପୋଲିସ, ଅର୍ଦ୍ଧସାମରିକ ବାହିନୀ, ଏନ୍‌ଏସ୍‌ଜି ଏବଂ ଅନ୍ୟାନ୍ୟ ସୁରକ୍ଷା ଏଜେନ୍ସିର ପ୍ରାୟ ୭ ହଜାର କର୍ମଚାରୀ ନିୟୋଜିତ ହେବା ଆଶା କରାଯାଉଛି ।ଭାରତ ମଣ୍ଡପମ୍‌କୁ କେନ୍ଦ୍ର କରି ବହୁସ୍ତରୀୟ ସୁରକ୍ଷା ବଳୟ ପ୍ରସ୍ତୁତ କରାଯାଉଛି। ବିମାନବନ୍ଦର, ପ୍ରତିନିଧିମାନଙ୍କ ରହଣିସ୍ଥଳ ହୋଟେଲ ଏବଂ ସମ୍ମିଳନୀ ସ୍ଥାନକୁ ସଂଯୋଗ କରୁଥିବା ପ୍ରମୁଖ ରାସ୍ତା ଉପରେ ସୁରକ୍ଷା ଏଜେନ୍ସିଗୁଡ଼ିକ ନଜର ରଖିବେ।

## ନୂଆ ମେଂଟ ବନାଇଲେ ସିଏମ ବିଜୟ, ଦକ୍ଷିଣ ରାଜନୀତିରେ ଭୂକମ୍ପ...



ନୂଆଦିଲ୍ଲୀ,୧୦/୯: ବୁଧବାର ଦିନ ଦକ୍ଷିଣ ଭାରତୀୟ ରାଜନୀତିରେ ଏକ ନୂତନ ଅଧ୍ୟାୟ ଯୋଡି ହୋଇଛି, ଯେତେବେଳେ କଂଗ୍ରେସ ମୁଖ୍ୟମନ୍ତ୍ରୀ ବିଜୟଙ୍କ ନେତୃତ୍ୱରେ ଏକ ନୂତନ ମେଂଟ ଘୋଷଣା କରିଛି। ଏହି ମେଂଟର ନାଁ, ସେକ୍ୟୁଲାର ସୋସିଆଲ ଜଷ୍ଟିସ ଭିକ୍ଟ୍ରି ଆଲାଏନ୍ସ ରଖାଯାଇଛି ।ଏହି ମେଂଟ ଆଗାମୀ ସାଧାରଣ ନିର୍ବାଚନରେ ଜାତୀୟ ରାଜନୈତିକ ଦୃଶ୍ୟପଟ ଏବଂ ସମର୍ଥନ ଆଧାର ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇପାରେ। ଟିଭିକେ ନେତୃତ୍ୱରେ ଏହି ମେଂଟ ବୁଧବାର ଦିନ ଘୋଷଣା କରାଯାଇଛି। ଚେନ୍ନାଇର ପାନାଇୟୁର ସ୍ଥିତ ଟିଭିକେ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ମେଂଟ ସମନ୍ୱୟ ବୈଠକରେ ନୂତନ ମେଂଟ ଘୋଷଣା କରାଯାଇଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏବଂ ଟିଭିକେ ମୁଖ୍ୟ ସି. ଜୋସେଫ ବିଜୟ ଟିଭିକେ ମୁଖ୍ୟାଳୟରେ ଦ୍ୱିତୀୟ ଥର ପାଇଁ ନୂତନ ମେଂଟର ସହଯୋଗୀ ଦଳ, କଂଗ୍ରେସ, ଭିସିକେ, ଏଡିଏମକେ ଏବଂ ଆଇୟୁଏମଏଲର ନେତାମାନଙ୍କ ସହିତ ସାକ୍ଷାତ କରିଛନ୍ତି। ଏନଏନଆଇ ଅନୁସାରେ ଟିଭିକେ ସୂତ୍ର ପୂର୍ବରୁ ନିଶ୍ଚିତ କରିଥିଲା ଯେ କଂଗ୍ରେସ, ବିଦୁଥଲାଇ ଚିରୁଥୈଗଲ କାଚି, ଇଣ୍ଡିଆନ ୟୁନିଅନ ମୁସଲିମ ଲିଗ୍ ଏବଂ ମାରୁମାଲାର୍ଚି ଦ୍ରାବିଡ ମୁନେତ୍ର କାଝାଗମ ସମେତ ପ୍ରମୁଖ ସହଯୋଗୀ ଦଳ ବୈଠକରେ ଯୋଗଦେବେ। ଏହି ନୂତନ ମେଂଟ ସମ୍ପର୍କରେ, କଂଗ୍ରେସ ନେତା ମାନିକମ୍ ଟାଗୋର କହିଛନ୍ତି ଯେ ଟିଭିକେଙ୍କ ନେତୃତ୍ୱରେ ନୂତନ ମେଂଟ ଗଠନ କରାଯାଇଛି। ମୁଖ୍ୟମନ୍ତ୍ରୀ ବିଜୟ ତାମିଲନାଡୁ ଏବଂ ପୁଡୁଚେରୀରେ ମେଂଟର ନେତୃତ୍ୱ ନେବେ। ସିପିଏମ ଏବଂ ସିପିଆଇ ଯୋଗ ନଦେବାକୁ ନିଷ୍ପତି ନେଇ ବୈଠକରୁ ନିଜକୁ ଦୂରେଇ ରଖିଛନ୍ତି। ଜୁଲାଇ ୧ ପରଠାରୁ ଏହା କ୍ରମାଗତ ଦ୍ୱିତୀୟ ଥର ପାଇଁ ଆନୁଷ୍ଠାନିକ ମେଂଟ ଆଲୋଚନା ବର୍ଜନ କରିଛି। ଏହି ନିଷ୍ପତିକୁ ବ୍ୟାଖ୍ୟା କରି ସିପିଏମ ରାଜ୍ୟ ସମ୍ପାଦକ ପି. ଶାନମୁଗମ ମଙ୍ଗଳବାର କହିଛନ୍ତି ଯେ ବାମପନ୍ଥୀ ଦଳଗୁଡ଼ିକର ବାହ୍ୟ ସମର୍ଥନ ସମ୍ପୂର୍ଣ୍ଣ ଭାବରେ ପ୍ରସଙ୍ଗ ଆଧାରିତ ହେବ।




# କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


# ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା'ର ନବୀକରଣ

କେନ୍ଦୁଝର,୧୦/୯(ନି/ପ୍ର): ରାଜ୍ୟର କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ଲାଗି ଉଦ୍ଦିଷ୍ଟ ଓଡ଼ିଶା ସରକାରଙ୍କ 'ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା' କୁ ଆଉ ଏକ ବର୍ଷ ପାଇଁ ନବୀକରଣ କରାଯାଇଛି। ୨୦୨୫-୨୬ ବର୍ଷରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ଥିବା କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ ଏହି ଅବଧିକୁ ୩୧ ଅଗଷ୍ଟ ୨୦୨୭ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଜାରି ହୋଇଥିବା ସୂଚନା ଅନୁଯାୟୀ, ଏହି ନବୀକରଣ ଯୋଜନାରେ ପୂର୍ବ ବର୍ଷ ବୀମାଭୁକ୍ତ ହୋଇଥିବା ୭,୮୭୬ ଜଣ କାର୍ଯ୍ୟରତ ସାମ୍ବାଦିକ ଉପକୃତ ହେବେ। କେନ୍ଦୁଝରର ଜିଲ୍ଲା ପ୍ରତିନିଧି ମାନଙ୍କୁ କ୍ଷେତ୍ର ସ୍ତରରେ କାର୍ଯ୍ୟରତ ଥିବା ସାମ୍ବାଦିକମାନଙ୍କୁ ଏହି ନବୀକରଣ ସମ୍ପର୍କରେ ଅବଗତ କରାଇବାକୁ ଅନୁରୋଧ କରାଯାଇଛି। ଏହା ସହିତ, ପୂର୍ବରୁ ବୀମାଭୁକ୍ତ ଥିବା କୌଣସି ସାମ୍ବାଦିକଙ୍କର ଯଦି ମୃତ୍ୟୁ ହୋଇଯାଇଥାଏ, ସେ ସାମ୍ବାଦିକତା ବୃତ୍ତିରୁ ନିବୃତ୍ତ ହୋଇଥାନ୍ତି କିମ୍ବା ବର୍ତ୍ତମାନ କାର୍ଯ୍ୟରତ ନଥାନ୍ତି, ତେବେ ବୀମା ତାଲିକାରୁ ସେମାନଙ୍କ ନାମ ବାଦ୍ ଦେବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। ବିଭାଗ ପକ୍ଷରୁ ଏହା ମଧ୍ୟ କୁହାଯାଇଛି ଯେ, ଯଦି ପୂର୍ବ ବର୍ଷଗୁଡ଼ିକରେ (୨୦୨୫ ପର୍ଯ୍ୟନ୍ତ) କୌଣସି ସାମ୍ବାଦିକ ଏହି ଯୋଜନାରେ ଅନ୍ତର୍ଭୁକ୍ତ ଥିଲେ ଏବଂ ପରବର୍ତ୍ତୀ ସମୟରେ କୌଣସି ଅଜାଣତରେ ବା ବୈଷୟିକ ତ୍ରୁଟି କାରଣରୁ ସେମାନଙ୍କ ନାମ ବାଦ୍ ପଡ଼ିଯାଇଛି, ସେମାନଙ୍କ ନାମ ପୁନଃ ଅନ୍ତର୍ଭୁକ୍ତ କରାଯାଇପାରେ। ତେବେ, ସେମାନେ ୨୦୨୫-୨୬ ବର୍ଷରେ ନିରନ୍ତର ଭାବେ ଜଣେ କାର୍ଯ୍ୟରତ ସାମ୍ବାଦିକ ଭାବେ କାର୍ଯ୍ୟ କରୁଥିବା ଆବଶ୍ୟକ। ସେମାନଙ୍କ ଆବେଦନ ଉପଯୁକ୍ତ କାରଣ ଏବଂ ସମ୍ପୃକ୍ତ ଜିଲ୍ଲା ପ୍ରଶାସନର ସୁପାରିଶ ସହ ଉପସ୍ଥାପନ କରାଯିବା ଆବଶ୍ୟକ। ଯେଉଁ ସାମ୍ବାଦିକମାନେ ଯୋଗ୍ୟ ଥାଇ ମଧ୍ୟ ବୈଷୟିକ କିମ୍ବା ଅନ୍ୟ କୌଣସି ତ୍ରୁଟି ଯୋଗୁଁ ବୀମା ତାଲିକାରୁ ବାଦ୍ ପଡ଼ିଯାଇଛନ୍ତି, ସେମାନେ ଆବଶ୍ୟକୀୟ ତଥ୍ୟ ଓ ପ୍ରମାଣପତ୍ର ସହ ଯାଚଂ ଏବଂ ସୁପାରିଶ ପାଇଁ ଜିଲ୍ଲା ଲୋକ ସମ୍ପର୍କ କାର୍ଯ୍ୟାଳୟ, କେନ୍ଦୁଝରଙ୍କ ସହିତ ଯୋଗାଯୋଗ କରିପାରିବେ। ଯେଉଁ ସାମ୍ବାଦିକମାନେ ପୂର୍ବରୁ ଏହି ଯୋଜନାରେ କେବେ ମଧ୍ୟ ସାମିଲ ହୋଇନାହାନ୍ତି, ସେମାନଙ୍କ ପାଇଁ ନୂତନ ଆବେଦନ ପରବର୍ତ୍ତୀ ସମୟରେ ପୃଥକ ଭାବେ ଗ୍ରହଣ କରାଯିବ।

# କେନ୍ଦୁଝରରେ ରାଷ୍ଟ୍ରୀୟ ବିପର୍ଯ୍ୟୟ ପ୍ରଶମନ ବଳ ପକ୍ଷରୁ ବ୍ୟାପକ ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଜୀବନରକ୍ଷା ପ୍ରଶିକ୍ଷଣ ଶିବିର



କେନ୍ଦୁଝର,୧୦/୯(ନି/ପ୍ର): ବିପର୍ଯ୍ୟୟ ପ୍ରସ୍ତୁତିକୁ ସୁଦୃଢ଼ କରିବା ଏବଂ ଜରୁରୀକାଳୀନ ପରିସ୍ଥିତିର ସଫଳ ମୁକାବିଲା ପାଇଁ ସ୍ଥାନୀୟ ଲୋକଙ୍କ କ୍ଷମତା ବୃଦ୍ଧି କରିବା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଜିଲ୍ଲାର ବିଭିନ୍ନ ସ୍ଥାନ ମାନଙ୍କରେ ବିପର୍ଯ୍ୟୟ ସୁରକ୍ଷା ଓ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ରାଷ୍ଟ୍ରୀୟ ବିପର୍ଯ୍ୟୟ ପ୍ରଶମନ ବଳର ୩ୟ ବାଟାଲିଅନ ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ କେନ୍ଦୁଝରଙ୍କ ମିଳିତ ଆନୁକୂଲ୍ୟରେ ୨୯ ଅଗଷ୍ଟ ରୁ ୧୦ ସେପ୍ଟେମ୍ବର ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ଏହି ସଚେତନତା ଓ ପ୍ରଶିକ୍ଷଣ ଶିବିରରେ ଆଖପାଖ ଅଚଂଳ ବିଦ୍ୟାଳୟ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ, ଶିକ୍ଷକ ଓ ଗ୍ରାମବାସୀମାନେ ଉତ୍ସାହର ସହ ଅଂଶଗ୍ରହଣ କରୁଛନ୍ତି। ଡେପୁଟି କମାଣ୍ଡାଂଟ ଲିଟନ ବିଶ୍ୱାସ ଏବଂ ଟିମ୍ କମାଣ୍ଡର ରାଜୀବ ଲୋଚନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏନଡିଆରଏଫର ବିଶେଷଜ୍ଞ ଦଳ ୧୧ ଜଣ ପ୍ରଶିକ୍ଷିତ ଉଦ୍ଧାରକାରୀଙ୍କ ସହ ଏହି ବିପର୍ଯ୍ୟୟ ମୁକାବିଲା ତଥା ଜୀବନରକ୍ଷା କୌଶଳ ଉପରେ ବ୍ୟବହାରିକ ଜ୍ଞାନ ପ୍ରଦାନ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ସିପିଆର, ରକ୍ତସ୍ରାବ ନିୟନ୍ତ୍ରଣ, ଭାଙ୍ଗିଯାଇଥିବା ହାଡ଼ର ସ୍ପ୍ଲିଂଟିଂ ଏବଂ ଆହତ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବା ଭଳି କେତେକ ଅତ୍ୟାବଶ୍ୟକ ପ୍ରାଥମିକ ଚିକିତ୍ସା ଓ ଜରୁରୀକାଳୀନ ମୁକାବିଲା କୌଶଳ ପ୍ରଦର୍ଶନ କରାଯାଉଛି। ଋତୁକାଳୀନ ବନ୍ୟା ଏବଂ ପ୍ରତିକୂଳ ପାଣିପାଗ ଯୋଗୁଁ ବିପଦସଙ୍କୁଳ ଥିବାରୁ, ଜଳ ଉଦ୍ଧାର କୌଶଳ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ବିଶେଷଜ୍ଞ ଜରୁରୀକାଳୀନ ଏବଂ ଉଦ୍ଧାରକାରୀ ଦଳ ପହଚିଂବା ପୂର୍ବରୁ ତୁରନ୍ତ ସହାୟତା ଏବଂ ଉପଯୁକ୍ତ ଜୀବନରକ୍ଷା ପଦକ୍ଷେପ ଗ୍ରହଣ କରିପାରୁଥିବା ସମୁଦାୟ ସ୍ତରୀୟ ପ୍ରଥମ ପ୍ରତିକ୍ରିୟାକାରୀ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଜିଲ୍ଲାର ବିପର୍ଯ୍ୟୟ ପ୍ରବଣ ଅଚଂଳଗୁଡ଼ିକରେ ଏକ ଅଧିକ ପ୍ରସ୍ତୁତ, ସୁରକ୍ଷିତ ଏବଂ ସହନଶୀଳ ସମୁଦାୟ ଗଠନ ଦିଗରେ ଏହି କାର୍ଯ୍ୟକ୍ରମକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଅଭିହିତ କରାଯାଇଛି।

# ନାରାୟଣ ବେହେରାଙ୍କୁ ନିର୍ଦ୍ଦୋଷରେ ଖଲାସ କଲେ ୨ ଯୁବ ଆଇନଜୀବୀ

ଘଟଗାଁ,୧୦/୯(ନି/ପ୍ର): ମିଥ୍ୟା କେସରେ ଜେଲ୍‌ଦଣ୍ଡ ଭୋଗୁଥିବା ନାରାୟଣ ବେହେରାଙ୍କୁ ମାନବିକତା ଦେଖାଇ ଦୁଇ ଯୁବ ଆଇନଜୀବୀ ନିଜ ପକ୍ଷରୁ ମକଦମା ଲଢ଼ି ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଯୁବ ଆଇନଜୀବୀଙ୍କ ଏହି ମହତ ଉଦ୍ଦେଶ୍ୟ ଅଂଚଳରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକାଶ ଥାଉକି ଘଟଗାଁ ଥାନା ତରା ଗ୍ରାମରେ ଗତ ତା ୩।୫।୦୨୬ ରିଖ ଘଟଣା ଘଟିଥିଲା। ଉକ୍ତ ଘଟଣାକୁ ଆଧାର କରି ତରା ଗ୍ରାମର ବିଷ୍ଣୁପ୍ରସାଦ ରାଉତ ଘଟଗାଁ ଥାନାରେ ନାରାୟଣ ବେହେରା ନାମରେ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ଧାରୁଆ ମାରଣା ଅସ୍ତ୍ର ଧରି ଘରକୁ ଆସିଥିବା ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ଘଟଗାଁ ଥାନା କେସ ନମ୍ବର ୨୬୪/୨୬ ମାମଲା ରୁଜୁ କରି ଜେଏମ୍‌ଏଫ୍‌ସି କୋର୍ଟକୁ ଚାଲାଣ କରିଥିଲେ। ସେଠାରେ ବିଚାରପତି ଜାମିନ ଆବେଦନକୁ ଖାରଜ କରିଥିଲେ। ଅଭିଯୁକ୍ତ ଜଣକ ଗରିବ ଶ୍ରେଣୀର ହୋଇଥିବାରୁ ଉପର କୋର୍ଟରେ ଆବେଦନ କରି ପାରିନଥିଲେ। ଉକ୍ତ କେସରେ ଦୁଇ ଯୁବ ଆଇନଜୀବୀ ଅନିଲ କୁମାର ଦେହୁରୀ ଓ ଦେବାଶିଷ ସାହୁ ମଣିଷ ପଣିଆଁ ମାନବିକତା ଦେଖାଇ ନିଜ ଖର୍ଚ୍ଚରେ ମାକଦମ ଲଢ଼ିଥିଲେ। ଅଭିଯୋଗକାରୀ ସାକ୍ଷୀମାନଙ୍କ ବୟାନ ଭିନ୍ନ ଭିନ୍ନ ମତ ଥିବାରୁ ଚାରି ମାସ ଜେଲଦଣ୍ଡ ଭୋଗିଥିବା ନାରାୟଣ ବେହେରାଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛି। ଯୁବ ଆଇନଜୀବୀଙ୍କ ଏପ୍ରକାର ସାହାଯ୍ୟକୁ ଅଂଚଳରେ ପ୍ରଶଂସା କରିବା ସହ ନାରାୟଣ ବେହେରା ଜେଲ କୋଠରୀରେ ବିତାଇଥିବା ଚାରିମାସ ପାଇଁ ଦାୟୀ କିଏ ବୋଲି ଆଲୋଚନା ହେଉଛି।

# ଖଣି ବିଭାଗ ପକ୍ଷରୁ ୧୧ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ



କଣାସ,୧୦/୯(ନି/ପ୍ର): ଖୋର୍ଦ୍ଧାର ବିଭିନ୍ନ ଅଚଂଳରୁ ବେଆଇନ ଭାବେ ଚୋରା ମାଙ୍କଡ଼ା ପଥର ଚାଲାଣ ହେଉଥିବା ବେଳେ ଖଣିବିଭାଗ ଚଢ଼ଉ କରି ୧୧ଟି ପଥର ବୋଝେଇ ଟ୍ରକ ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଖୋର୍ଦ୍ଧା ଅଚଂଳରୁ ସମଗ୍ର ଚୋରା ପଥର ନିରାକାରପୁର ଦେଇ କଣାସ ଜଗନ୍ନାଥ ସଡ଼କ ଏବଂ ମନ୍ଦାରବସ୍ତ ଦେଇ ନୂଆ ଜଗନ୍ନାଥ ସଡ଼କ ମାଧ୍ୟମରେ କଣାସର ବିଭିନ୍ନ ଗାଁ ସମେତ ପୁରୀ ସହର ଓ ବ୍ରହ୍ମଗିରି ଅଚଂଳକୁ ପ୍ରତ୍ୟେକ ଦିନ ଶହ ଶହ ଗାଡ଼ି ଦ୍ୱାରା ବେଆଇନ ଭାବେ ଚାଲାଣ କରାଯାଉଛି। ଏହାଯୋଗୁଁ ସରକାର ପ୍ରଚୁର ରାଜସ୍ୱ ହରାଉଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ପୁରୀ ଖଣି ବିଭାଗ ବିଜିପୁର ଠାରେ ଚଢ଼ଉ କରି ୧୧ଟି ପଥର ବୋଝେଇ ଟ୍ରକ୍ ଜବତ କରିଛି। ସୂଚନାଯୋଗ୍ୟ, କଣାସ ଅଚଂଳରେ ଚାଲିଥିବା ବେଆଇନ ବାଲି ଚୋରା ଚାଲାଣକୁ ନେଇ ଗତ କିଛି ମାସ ପୂର୍ବରୁ ଜଣେ ଯୁବକଙ୍କୁ କେତେକ ଦୁର୍ବୃତ୍ତ ପନିକିରେ ହାଣି ଗୁରୁତର ଆହତ କରାଯାଇଥିଲେ। ସ୍ଥାନୀୟ ଅଚଂଳରେ ଦୁଇଟି ଥାନା ଓ ଗୋଟିଏ ଫାଣ୍ଡି ରହିଥିବା ସତ୍ତ୍ୱେ ପୁଲିସର ନିଷ୍କ୍ରିୟତା ଯୋଗୁଁ ବିଭିନ୍ନ ସମୟରେ ଚୋରା ବାଲି, ମାଟି ଓ ପଥର ଚୋରା ଚାଲାଣ ରାକେଟ ସକ୍ରିୟ ହୋଇଉଠୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାଯୋଗୁଁ ସରକାର ପ୍ରଚୁର ରାଜସ୍ୱ ହରାଉଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ପୁରୀ ଖଣି ବିଭାଗ ବିଜିପୁର ଠାରେ ଚଢ଼ଉ କରି ୧୧ଟି ପଥର ବୋଝେଇ ଟ୍ରକ୍ ଜବତ କରିଛି।

# ଏସ୍‌ପିସିବି ପକ୍ଷରୁ ପରିବେଶ ସଚେତନତା ଅଭିଯାନ ଓ ଶୋଭାଯାତ୍ରା

କେନ୍ଦୁଝର,୧୦/୯(ନି/ପ୍ର):ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଆଂଚଳିକ କାର୍ଯ୍ୟାଳୟ ପକ୍ଷରୁ କେନ୍ଦୁଝର ସହରର ବିଭିନ୍ନ ସ୍ଥାନରେ ରୋଟାରୀ କ୍ଲବ, କେନ୍ଦୁଝରଗଡ଼ ପୌରପାଳିକା, ସ୍କୁଲ ଛାତ୍ରଛାତ୍ରୀ, ଶିଳ୍ପ ସଂସ୍ଥାର ପ୍ରତିନିଧିଙ୍କ ମିଳିତ ସହଯୋଗରେ ସମୂହ ପରିବେଶ ସଚେତନତା କାର୍ଯ୍ୟକ୍ରମ ଏବଂ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷା, ପରିଚ୍ଛନ୍ନତା, ସ୍ୱଚ୍ଛ ଓ ସବୁଜ ପରିବେଶରେ ଜନ ସାଧାରଣଙ୍କ ସକ୍ରୀୟ ଅଂଶଗ୍ରହଣ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଆଜି ସକାଳୁ କେନ୍ଦୁଝର ସରକାରୀ ବସଷ୍ଟାଣ୍ଡ, କେନ୍ଦୁଝର ଡେଲି ମାର୍କେଟ ଏବଂ ବଳଦେବଜୀଉ ମନ୍ଦିର ଚର୍ତୃପାର୍ଶ୍ୱରେ ସାମୂହିକ ସଫେଇ କରାଯିବା ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କାଉଟ ଗାଇଡ, ଏନ୍‌ସିସି କ୍ୟାଡେଟ, ସ୍କୁଲ ଛାତ୍ରଛାତ୍ରୀ ପରିବେଶ ସୁରକ୍ଷା ପାଇଁ ପ୍ଲା-କାର୍ଡ଼ ଧରି ସ୍ଲୋଗାନ ଦେଇ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ, ପଲିଥିନ ଏବଂ ବିଭିନ୍ନ ସମାଗ୍ରୀ ବ୍ୟବହାର ନକରିବାକୁ ସଚେତନ କରି ଝୋଟରେ ତିଆରି ବ୍ୟାଗ ବ୍ୟବହାର କରିବାକୁ ସଚେତନ କରିଥିଲେ। ଏହି ଅବସରରେ ଜନ ସହଭାଗିତାମୂଳକ ସଫେଇ ଅଭିଯାନ ଓ ଶୋଭାଯାତ୍ରାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼(କେନ୍ଦୁଝର)ର ସହକାରୀ ପରିବେଶ ବୈଜ୍ଞାନିକ ସୌମ୍ୟରଞ୍ଜନ ପ୍ରଧାନ, ସହକାରୀ ପରିବେଶ ବୈଜ୍ଞାନିକ ଇପ୍ସି ଗିରି, କନିଷ୍ଠ ସହାୟକ ସନ୍ତୋଷ କୁମାର ନାୟକ, ଡିଇଓ ଲୁଲୁ ନାୟକ, ରୋଟାରୀ କ୍ଲବର ସଭାପତି ରୋଟାରିୟାନ ନିରୁପମା ସ୍ୱାଇଁ, ସମ୍ପାଦକ ଡାକ୍ତର ମମତା ରାଣୀ ଜେନା, ରୋଟାରିୟାନ ଇଂ ଦେବବ୍ରତ ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ, ଧରିତ୍ରୀ ରାଉତ, ଅମୀୟ ବେହେରା, ବିଜୟନାଥ କାପୁର, ସ୍କାଉଟ ଶିକ୍ଷକ ଗୁରୁଦେବ ମହାନ୍ତ, ଏନ୍‌ସିସି ଅଫିସର ବିଜୟ କୁମାର ବେହେରା ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ସଫେଇ ଅଭିଯାନରେ ସଂଗୃହିତ କଠିନ ବର୍ଜ୍ୟବସ୍ତୁକୁ ପୌରପାଳିକାର କଠିନ ବର୍ଜ୍ୟ ପରିଚାଳନା ୟୁନିଟ୍‌କୁ ପଠାଯାଇଥିଲା। ପରିବେଶ ସଚେତନତା ଅଭିଯାନ ଅବସରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ ଉଚ୍ଚ ବିଦ୍ୟାଳୟ ସ୍ତରରେ ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ କଲେଜ ସ୍ତରରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# କେନାଲରେ ଭାସିଯାଇ ଯୁବକ ମୃତ

ଭଦ୍ରକ,୧୦/୯(ନି/ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ମୁକୁନ୍ଦପୁର ପଂଚାୟତ ଅଧୀନ ଗୁଡୁପାଳ ଗ୍ରାମର ମାନସ ଦାସ (୪୧)ନାମକ ଜଣେ ଯୁବକଙ୍କର ଗୋପାଳିଆ କେନାଲରେ ଭାସିଯାଇ ମୃତ୍ୟୁ ହୋଇଥିବା ଜଣାଯାଇଛି। ସୋମବାର ରାତିରେ ମାନସ ଶୌଚ ହେବାକୁ ଯାଇ ଘରକୁ ଫେରିନଥିଲେ। ତାଙ୍କ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର ପତା ମିଳିନଥିଲା।।

# ଡ୍ରେନ ଜାମ ଯୋଗୁଁ ରାସ୍ତା ଉପରେ ନର୍ଦ୍ଦମା ପାଣି ହୀନସ୍ତା ହେଉଛନ୍ତି ଶ୍ରଦ୍ଧାଳୁ ଓ ସ୍ଥାନୀୟ ଲୋକେ

ଚମ୍ପୁଆ,୧୦/୯(ନି/ପ୍ର): ଚମ୍ପୁଆ ଏନଏସି ଅନ୍ତର୍ଗତ ଶ୍ରୀ ଜଗନ୍ନାଥ ମନ୍ଦିର ପଛପଟ ରାସ୍ତାରେ ଦେଖାଦେଇଛି ଏକ ବଡ଼ ସମସ୍ୟା। ଦୀର୍ଘ ଦିନ ହେବ ଡ୍ରେନ ଜାମ ହୋଇ ରହିବା ଯୋଗୁଁ ନର୍ଦ୍ଦମା ପାଣି ଏବେ ରାସ୍ତା ଉପରେ ଅନବରତ ବୋହି ଚାଲିଛି। ବିଶେଷ କରି ବର୍ଷା ସମୟରେ ଏହି ସମସ୍ୟା ଆହୁରି ଭୟଙ୍କର ରୂପ ନେଉଛି ଏବଂ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏହି ରାସ୍ତା ଦେଇ ପ୍ରସିଦ୍ଧ ଘାଗରା ଘାଟସ୍ଥ ମନ୍ଦିର ଏବଂ ମା ମଙ୍ଗଳା ମନ୍ଦିରକୁ ପ୍ରତିଦିନ ଶହ ଶହ ଶ୍ରଦ୍ଧାଳୁ ଯାତାୟାତ କରିଥାନ୍ତି। ମାତ୍ର ଡ୍ରେନ ପାଣି ରାସ୍ତାରେ ଜମି ରହିବା ଯୋଗୁଁ ଲୋକେ ବାଧ୍ୟ ହୋଇ ସେହି ମଇଳା ପାଣିରେ ପାଦ ପକାଇ ମନ୍ଦିରକୁ ଯାଉଛନ୍ତି। ଏହା ଦ୍ୱାରା ଜନସାଧାରଣ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ପୂତିଗନ୍ଧମୟ ପରିବେଶ ଯୋଗୁଁ ସ୍ଥାନୀୟ ଅଂଚଳରେ ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ ଉପୁଜିବା ଆଶଙ୍କା ଥିବାରୁ ଏବଂ ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଏନଏସି କର୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଡ୍ରେନ ସଫା କରିବା ସହିତ ପାଣି ନିଷ୍କାସନର ସଠିକ୍ ବ୍ୟବସ୍ଥା କରିବାକୁ ଦାବୀ ହେଉଛି।

# ଉଲ୍ଲାସ ମାଧ୍ୟମରେ ସମ୍ପୂର୍ଣ୍ଣ ସାକ୍ଷରତା ଦିଗରେ ଓଡ଼ିଶା ୧୫ ବର୍ଷରୁ ଉର୍ଦ୍ଧ୍ୱ ନିରକ୍ଷରଙ୍କୁ ସାକ୍ଷର କରିବା ପାଇଁ ଜନଭାଗିଦାରୀଭିତିକ ଅଭିଯାନ

ଜୟପୁର,୧୦/୯(ନି/ପ୍ର): ରାଜ୍ୟରେ ୧୫ ବର୍ଷରୁ ଉର୍ଦ୍ଧ୍ୱ ନିରକ୍ଷର ବ୍ୟକ୍ତିମାନଙ୍କୁ ସାକ୍ଷର କରିବା ଲକ୍ଷ୍ୟରେ 'ଉଲ୍ଲାସ' କାର୍ଯ୍ୟକ୍ରମକୁ ଜନଭାଗିଦାରୀଭିତିରେ ବ୍ୟାପକ ଭାବେ କାର୍ଯ୍ୟକାରୀ କରାଯାଉଛି। ଏହି ଅଭିଯାନ କେବଳ ପଢ଼ିବା, ଲେଖିବା ଓ ଗଣନା ଜ୍ଞାନରେ ସୀମିତ ନ ରହି ନିରନ୍ତର ଶିକ୍ଷା, ସଚେତନତା, ଆତ୍ମବିଶ୍ୱାସ ଓ ସଶକ୍ତିକରଣ ଦିଗରେ ମଧ୍ୟ ଗୁରୁତ୍ୱ ଦେଉଛି। କେନ୍ଦ୍ର ସରକାରଙ୍କ 'ନ୍ୟୁ ଇଣ୍ଡିଆ ଲିଟେରେସି ପ୍ରୋଗ୍ରାମ୍' (ଏନଆଇଏଲପି) ୨୦୨୨-୨୩ ଶିକ୍ଷାବର୍ଷରୁ ଦେଶବ୍ୟାପୀ ଭାବେ କାର୍ଯ୍ୟକାରୀ ହେଉଛି। ସାକ୍ଷରତା ସହିତ ଜୀବନବ୍ୟାପୀ ଶିକ୍ଷା ଓ ସାମାଜିକ ସଶକ୍ତିକରଣ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ୨୦୧୧ ଜନଗଣନା ଅନୁଯାୟୀ ଓଡ଼ିଶାରେ ପ୍ରାୟ ୯୧.୫୦ ଲକ୍ଷ ନିରକ୍ଷର ବ୍ୟକ୍ତି ଥିବା ଜଣାପଡ଼ିଥିଲା। ବିଶେଷକରି କେବିକେ ଅଂଚଳର କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି, ଗଜପତି, କଳାହାଣ୍ଡି ଓ ନୂଆପଡ଼ା ଭଳି ଜିଲ୍ଲାଗୁଡ଼ିକରେ ସାକ୍ଷରତା ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। କୋରାପୁଟ ଜିଲ୍ଲାର ସାକ୍ଷରତା ହାର ୫୨ ପ୍ରତିଶତ ରହିଛି। ଉଲ୍ଲାସ କାର୍ଯ୍ୟକ୍ରମ ମାଧ୍ୟମରେ ଏପର୍ଯ୍ୟନ୍ତ ୧୫ ଲକ୍ଷରୁ ଅଧିକ ଶିକ୍ଷାର୍ଥୀ ସାକ୍ଷର ହୋଇସାରିଛନ୍ତି। ଚଳିତ ବର୍ଷ ପ୍ରାୟ ୨୫ ଲକ୍ଷ ଶିକ୍ଷାର୍ଥୀ 'ଫାଉଣ୍ଡେସନାଲ ଲିଟେରେସି ଆଣ୍ଡ ନ୍ୟୁମେରେସି ଆସେସମେଂଟ ଟେଷ୍ଟ' ରେ ଅଂଶଗ୍ରହଣ କରିବା ଆଶା କରାଯାଉଛି। ସାଧାରଣତଃ ପ୍ରତିବର୍ଷ ମାର୍ଚ୍ଚ ଓ ସେପଟ୍ଟେମ୍ବର ମାସରେ ଏହି ମୂଲ୍ୟାୟନ କରାଯାଇଥାଏ। ସାକ୍ଷରତା ଅଭିଯାନକୁ ତୃଣମୂଳସ୍ତରରେ ସଫଳ କରିବା ପାଇଁ ପଂଚାୟତିରାଜ ସଂସ୍ଥା, ସିବିଓ, ଏନ୍‌ଜିଓ, ସ୍ୱେଚ୍ଛାସେବୀ, ସ୍ୱେଚ୍ଛାସେବୀ ଶିକ୍ଷକ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ଯୁବକ ଓ ବିଭିନ୍ନ ସାମାଜିକ ସଂଗଠନକୁ ସାମିଲ କରାଯାଉଛି। ଆନ୍ତର୍ଜାତୀୟ ସାକ୍ଷରତା ଦିବସ ଅବସରରେ ସେପଟ୍ଟେମ୍ବର ୧ରୁ ୧୪ ପର୍ଯ୍ୟନ୍ତ ସାକ୍ଷରତା ପକ୍ଷ ପାଳନ କରାଯାଉଛି। ଏହି ଅବସରରେ ସାକ୍ଷରତା ସମ୍ପର୍କରେ ଜନସଚେତନତା ସୃଷ୍ଟି, ନିରକ୍ଷରଙ୍କୁ ଚିହ୍ନଟ, ଶିକ୍ଷାର୍ଥୀଙ୍କୁ ସାକ୍ଷରତା କାର୍ଯ୍ୟକ୍ରମରେ ସାମିଲ କରିବା ଏବଂ ଜନସାଧାରଣଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି ଅବସରରେ ୮ଟି ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନେ ଯୋଗଦେଇ ସାକ୍ଷରତା ଅଭିଯାନକୁ ତୃଣମୂଳସ୍ତରରେ ଅଧିକ ସୁଦୃଢ଼ ଓ ପ୍ରଭାବଶାଳୀ କରିବା ଦିଗରେ ଆଲୋଚନା କରିଥିଲେ। ସାକ୍ଷରତା ଅଭିଯାନର ସଫଳତା ପାଇଁ ଶିକ୍ଷା ବିଭାଗ ସହିତ ସମସ୍ତ ବର୍ଗର ଜନସାଧାରଣଙ୍କ ସକ୍ରିୟ ସହଯୋଗ ଓ ଭାଗିଦାରୀ ଆବଶ୍ୟକ ବୋଲି ଏହି ଅବସରରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ତଥା ଜିଲ୍ଲା ବୋର୍ଡ ଯୋଜନା ଅଧ୍ୟକ୍ଷ ରଘୁରାମ ମାଛ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଆଇଏଏସ୍, ପ୍ରୋବେସନାରୀ ଅଫିସର ଅନୁପ କୁମାର ନାୟକ, ଡାଇରେକ୍ଟର ଫର ଇଂଟିଗ୍ରାଲ୍ ଏଡୁକେସନ୍, ଭୁବନେଶ୍ୱର ବାଳ ମୁକୁନ୍ଦ ଭୂୟାଁ, ସ୍ୱତନ୍ତ୍ର ଉନ୍ନୟନ କମିଟି ଅଧ୍ୟକ୍ଷ ଭଗବାନ ମୁଦୁଲି, ଜିଲ୍ଲା ବୋର୍ଡ ଅଧ୍ୟକ୍ଷା ସୁକାନ୍ତି ମାଝୀ, ମାଲକାନଗିରି ଡିଇଓ ଶ୍ରୀ ଚିତରଞ୍ଜନ ପାଣିଗ୍ରାହୀ ଏବଂ ନବରଙ୍ଗପୁର ଡିଇଓ ଛତ୍ରପତି ସାହୁଙ୍କ ସମେତ ବିଭିନ୍ନ ସରକାରୀ ଅଧିକାରୀ, ଓ ପ୍ରତିନିଧିମାନେ ଯୋଗଦେଇଥିଲେ। "ସାକ୍ଷରତାରୁ ସଶକ୍ତିକରଣ ସମ୍ପୂର୍ଣ୍ଣ ସାକ୍ଷର ଓଡ଼ିଶା ଆମର ଲକ୍ଷ୍ୟ।"

# ନବରଙ୍ଗପୁର ପୌର କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ନବରଙ୍ଗପୁର,୧୦/୯(ନି/ପ୍ର): ଜନସାଧାରଣଙ୍କ ଅଭିଯୋଗ ଓ ସମସ୍ୟାର ତ୍ୱରିତ ତଥା ସମୟୋଚିତ ସମାଧାନ ଉଦ୍ଦେଶ୍ୟରେ ଆଜି ନବରଙ୍ଗପୁର ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଏକ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧୀକ୍ଷକ ଶ୍ରୀ କାଶ୍ୟପ ପାର୍ଥ ଜଗଦୀଶଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼. ପ୍ରମୋଦ କୁମାର ପୃଷ୍ଟି, ବନଖଣ୍ଡ ଅଧିକାରୀ ଶ୍ରୀ ଉଦୟନ୍ ସୁବୁଦ୍ଧି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ବିରଚିଂ ନାରାୟଣ ଦରୱାନ, ଉପଜିଲ୍ଲାପାଳ ଶ୍ରୀ ପ୍ରକାଶ କୁମାର ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଆଜିର ଶିବିରରେ ମୋଟ ୪୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୪ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୦ଟି ଗ୍ରାମ୍ୟ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ରହିଥିଲା। ଅଭିଯୋଗଗୁଡ଼ିକ ମଧ୍ୟରେ ବ୍ୟକ୍ତିଗତ ସମସ୍ୟା ସହିତ ବିଭିନ୍ନ ସାମୂହିକ ଓ ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ବିଷୟ ଉପସ୍ଥାପିତ ହୋଇଥିଲା। ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ ପ୍ରତ୍ୟେକ ଅଭିଯୋଗକାରୀଙ୍କ ସମସ୍ୟାକୁ ଧୈର୍ଯ୍ୟର ସହ ଶୁଣିବା ସହିତ ଅଭିଯୋଗର ପ୍ରକୃତି ଓ ତଥ୍ୟ ଅନୁଧ୍ୟାନ କରିଥିଲେ। ଅଭିଯୋଗଗୁଡ଼ିକର ନିୟମାନୁଯାୟୀ ଯାଚଂ କରି ତ୍ୱରିତ ଓ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏଥିସହିତ, ପୋଲିସ ସମ୍ପର୍କିତ ଅଭିଯୋଗଗୁଡ଼ିକୁ ଆରକ୍ଷୀ ଅଧୀକ୍ଷକ ଶ୍ରୀ କାଶ୍ୟପ ପାର୍ଥ ଜଗଦୀଶ ଶୁଣାଣି କରିଥିଲେ ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ସମ୍ପୃକ୍ତ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜନ ଅଭିଯୋଗ ଶୁଣାଣି ଶିବିର ମାଧ୍ୟମରେ ଜନସାଧାରଣ ସେମାନଙ୍କ ସମସ୍ୟାକୁ ଜିଲ୍ଲା ପ୍ରଶାସନର ଦୃଷ୍ଟିକୁ ସିଧାସଳଖ ଆଣିବା ସହିତ ଏହାର ସମାଧାନ ପାଇଁ ପ୍ରଶାସନିକ ସ୍ତରରେ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଏପରି ଶିବିର ମାଧ୍ୟମରେ ଲୋକାଭିମୁଖୀ, ପାରଦର୍ଶୀ ଓ ଉତ୍ତରଦାୟୀ ପ୍ରଶାସନ ସୁନିଶ୍ଚିତ କରିବା ସହିତ ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ନିରାକରଣ ଉପରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଇଆସୁଛି।



ଯୋଡ଼ା ସହରର ବିଭିନ୍ନ ସ୍ଥାନରେ ଖାଦ୍ୟ ସୁରକ୍ଷା ବିଭାଗର ଟିମ୍ ଓ ପୌରପାଳିକା ପକ୍ଷରୁ ମିଳିତ ଚଢ଼ଉ

# ନିଶାଦ୍ରବ୍ୟ ଚୋରାଚାଲାଣ ରୋକିବାକୁ ଜିଲ୍ଲାସ୍ତରୀୟ ବୈଠକ

ଭଦ୍ରକ, ୧୦/୯(ନି/ପ୍ର):ଭଦ୍ରକ ଜିଲ୍ଲାରେ ନିଶାଦ୍ରବ୍ୟ, ବିଶେଷକରି ବ୍ରାଉନ୍ ସୁଗାର ଚୋରାଚାଲାଣ ଓ ବ୍ୟବହାରକୁ ରୋକିବା ସହ ଯୁବପିଢ଼ିଙ୍କୁ ନିଶାମୁକ୍ତ ଜୀବନ ପ୍ରତି ଉତ୍ସାହିତ କରିବା ନେଇ ଜିଲ୍ଲାସ୍ତରୀୟ ନାର୍କୋ କୋଅର୍ଡିନେସନ କମିଟି ବୈଠକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ ହୋଇଛି। ଭଦ୍ରକ ଆରକ୍ଷୀ ଅଧିକ୍ଷକ ମନୋଜ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବିଭାଗ ଓ ସଂପୃକ୍ତ ଅନୁଷ୍ଠାନର ଅଧିକାରୀମାନେ ଯୋଗଦେଇଥିଲେ। ବୈଠକରେ ଜିଲ୍ଲାରେ ବ୍ରାଉନ୍ ସୁଗାର ସମେତ ବିଭିନ୍ନ ନିଶାଦ୍ରବ୍ୟର ଚୋରାଚାଲାଣ, ବିକ୍ରୟ ଓ ବ୍ୟବହାର ଉପରେ ପ୍ରଭାବଶାଳୀ ନିୟନ୍ତ୍ରଣ ପାଇଁ ସମନ୍ୱିତ ପଦକ୍ଷେପ ନେବାକୁ ଏସ୍‌ପି ଶ୍ରୀ ରାଉତ ଗୁରୁତ୍ୱାରୋପ କରିଥିଲେ। ନିଶାଦ୍ରବ୍ୟ ଚୋରାଚାଲାଣର ଉତ୍ସ, ଯୋଗାଣ ଶୃଙ୍ଖଳ ଓ ବିକ୍ରୟ ସ୍ଥାନ ଚିହ୍ନଟ କରି ଆଇନ ଅନୁଯାୟୀ ଦୃଢ଼ ପଦକ୍ଷେପ ନେବା ସହ ବିଭିନ୍ନ ବିଭାଗ ମଧ୍ୟରେ ନିୟମିତ ସମନ୍ୱୟ ରଖିବାକୁ ସେ ପରାମର୍ଶ ଦେଇଥିଲେ। ବିଶେଷକରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ, ଛାତ୍ରଛାତ୍ରୀଙ୍କ ମଧ୍ୟରେ କାଉନ୍‌ସେଲିଂ ଓ ନିଶାର କୁପ୍ରଭାବ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ଏସ୍‌ପି ପରାମର୍ଶ ଦେଇଥିଲେ। ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟରୁ ଦୂରେଇ ରଖିବାରେ ଶିକ୍ଷାନୁଷ୍ଠାନଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ।

ଉତ୍କଳ ସମାଚାର

ସମ୍ପାଦକୀୟ...

ଶୁକ୍ରବାର ୧୧ ସେପ୍ଟେମ୍ବର ୨୦୨୬

# ସାର ଅସାର

ଦୀର୍ଘ କାଳ ଧରି ଭାରତୀୟମାନେ, ସେମାନଙ୍କ ଗୋଚର ବା ଅଗୋଚରରେ, ସ୍ୱାସ୍ଥ୍ୟ ପ୍ରତି ଅହିତକର ଏବଂ ଅପମିଶ୍ରିତ ଖାଦ୍ୟ ଖାଇ ଆସୁଥିବାବେଳେ ସଂପ୍ରତି ଏ ନେଇ କିଛିଟା ଜାଗରୁକତା ସୃଷ୍ଟି ହେବା ପରେ ଯାହା ଆବିଷ୍କୃତ ହେଉଛି, ତାହା ହେଲା ନାମୀ, ପୁରୁଣା ଓ ମିତ୍ର ତୁଲ୍ୟ ପରିଚିତ ବ୍ରାଣ୍ଡଗୁଡ଼ିକ ସେମାନେ ବିକ୍ରି କରୁଥିବା ଦ୍ରବ୍ୟର ଉତ୍କର୍ଷ ଓ ବିଶ୍ୱସନୀୟତାର ପରୀକ୍ଷାରେ ଦୟନୀୟ ଭାବେ ଫେଲ ହେଉଛନ୍ତି। କେବଳ, ସେତିକି ନୁହେଁ, ଯାହା ଆହୁରି ଜଘନ୍ୟ ତାହା ହେଲା, ଜ୍ଞାତସାରରେ ସେମାନେ ଭାରତକୁ ଜିହ୍ୱା ଲାଳସାର ଉପନିବେଶରେ ପରଣତ କରିଦେଇଛନ୍ତି, ଯହିଁରେ ବଳି ପଡ଼ିଛି ଭାରତୀୟମାନଙ୍କ ସ୍ୱାସ୍ଥ୍ୟ। ଏବଂ ବିଡ଼ମ୍ବନାଟି ହେଲା, ଆକର୍ଷଣୀୟ ପ୍ୟାକେଟ ଓ ବୋତଲରେ ଉପଲବ୍ଧ ପ୍ରକ୍ରିୟାକୃତ ଖାଦ୍ୟଗୁଡ଼ିକର ମାନ ଉପରେ ଦୃଷ୍ଟି ରଖୁଥିବା ସରକାରୀ ଅନୁଷ୍ଠାନ 'ଫୁଡ୍ ସେଫ୍‌ଟି ଏଣ୍ଡ ଷ୍ଟାଣ୍ଡାର୍ଡ ଅଥରିଟି ଅଫ ଇଣ୍ଡିଆ' ବା 'ଏଫ.ଏସ.ଏସ.ଏ.ଆଇ.' ମଧ୍ୟ ତା'ର ଦାୟିତ୍ୱ ନିର୍ବାହ କରିବାରେ ବିଫଳ ହୋଇଛି। ବଜାରର ବିବେକହୀନ ଦାବି ହେଉ ବା ଅଧିକ ଲାଭାର୍ଜନର ଦୁର୍ବାର ମୋହ ହେଉ ଅଥବା ଭାରତୀୟମାନଙ୍କ ପ୍ରତି ହେୟମନ୍ୟ ଭାବ ହେଉ; ଏହି ବ୍ରାଣ୍ଡଗୁଡ଼ିକ ସେମାନଙ୍କ ଦ୍ରବ୍ୟକୁ ଅପୂର୍ବ ସ୍ୱାଦଯୁକ୍ତ ବା ଶୀଘ୍ର ପ୍ରସ୍ତୁତି ସମର୍ଥ କିମ୍ବା ସ୍ୱାସ୍ଥ୍ୟ ପ୍ରତି ହିତକର ଭଳି ପ୍ରତିଶ୍ରୁତି ସହିତ ବିକ୍ରି କରି ଯେ ବିଶ୍ୱାସରେ ବିଷ ଦେଇ ଚାଲିଛନ୍ତି, ତାହା କହିବା ବାହୁଲ୍ୟ ମାତ୍ର ! ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତିକ ଗଣମାଧ୍ୟମର ସୂଚନା ଅନୁଯାୟୀ ଭାରତରେ ବିକ୍ରି ହେଉଥିବା 'ସ୍ପ୍ରାଇଟ୍' ବା 'ଫାଣ୍ଟା' ଭଳି ମୃଦୁ ପାନୀୟର ୧୦୦ ମିଲିଲିଟରରେ ଚିନିର ଅଂଶ ୧୧.୭ ଗ୍ରାମ ହୋଇଥିବାବେଳେ ୟୁରୋପୀୟ ସଂଘର ବଜାରରେ ଉପଲବ୍ଧ ଏହି ସମାନ ବ୍ରାଣ୍ଡର ପାନୀୟରେ ରହିଥାଏ ମାତ୍ର ୪.୪ ଗ୍ରାମ ଚିନି; ଶିଶୁ ଖାଦ୍ୟ ରୂପେ ଭାରତର ଲୋକପ୍ରିୟ ବ୍ରାଣ୍ଡ 'ସେରେଲାକ'ର ପ୍ରତି ଚାମଚରେ ୩ ଗ୍ରାମ ଚିନି ଥିବାବେଳେ ୟୁରୋପ ଓ ଆମେରିକାରେ ଏହି ସମାନ ବ୍ରାଣ୍ଡ ସଂପୂର୍ଣ୍ଣ ଚିନି ବିବର୍ଜିତ; ଏଠାରେ ମିଳୁଥିବା 'କିଟକାଟ' ଭଳି ଚକୋଲେଟରେ ମୂଳ ଉପାଦାନ କୋକଆର ପରିମାଣ ୪.୫% ଥିବାବେଳେ ଚିନି ବା ଶର୍କରାର ପରିମାଣ ହୋଇଥାଏ ୨୯.୯ ଗ୍ରାମ, ଯେତେବେଳେ କି ସେହି ସମାନ ଚକୋଲେଟ ଅଷ୍ଟ୍ରେଲିଆରେ ୨୨.୭% କୋକଆ ଏବଂ ୨୧.୭ ଗ୍ରାମ ଚିନିରେ ତିଆରି ହୋଇଥାଏ। ଭାରତରେ ଅସୀମ ଲୋକପ୍ରିୟ ତତ୍‌କ୍ଷଣାତ୍ କ୍ଷୁଧା ମୁଚନକାରୀ ୫୦ ଗ୍ରାମ ଓଜନର ଛୋଟ 'ପାର୍ଲେ ଜି' ପ୍ୟାକେଟରେ ଥାଏ ୧୨.୫ ଗ୍ରାମ ଚିନି। ସେମିତି ଏଠାକାର ଏକ ଜାତୀୟ ଜଳଖିଆର ସ୍ୱୀକୃତ 'ମାଗି' ନୁଡଲ୍‌ସର ୧୦୦ ଗ୍ରାମରେ ଥିବା ସୋଡିଅମର ପରିମାଣ ହେଉଛି ୧ ଗ୍ରାମ। ଉଲ୍ଲେଖଯୋଗ୍ୟ ଯେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରାମର୍ଶ ଅନୁଯାୟୀ ଦୈନିକ ଆହାରରେ ଚିନି ଓ ସୋଡିଅମର ମୁଣ୍ଡ ପିଛା ବ୍ୟବହାର ଯଥାକ୍ରମେ ମାତ୍ର ୨୫ ଗ୍ରାମ ଓ ୨ ଗ୍ରାମରୁ କମ୍ ହେବା ଉଚିତ। କେବଳ ସେତିକି ନୁହେଁ, ଭାରତରେ ଉପଲବ୍ଧ 'ପ୍ରକ୍ରିୟାକୃତ ଖାଦ୍ୟ'ରେ ପ୍ରାୟତଃ ପାମୋଲିନ ତେଲର ବହୁଳ ବ୍ୟବହାର କରାଯାଉଥିବା ସ୍ଥଳେ ପାଶ୍ଚାତ୍ୟ ଦେଶମାନଙ୍କରେ ସୂର୍ଯ୍ୟମୁଖୀ ତେଲର ବ୍ୟବହାର କରାଯାଇଥାଏ। ଏଠାରେ ଫଳରସ ରୂପେ ବିକ୍ରି କରାଯାଉଥିବା ବୋତଲ ବା 'ଟେଟ୍ରା ପ୍ୟାକ'ରେ କମଳାର ଦୃଷ୍ଟି ଆକର୍ଷଣକାରୀ ଚିତ୍ର ଥିଲେ ହେଁ ପାନୀୟରେ କମଳାର ଅଂଶ ହିଁ ନ ଥାଏ; ବିଭିନ୍ନ ରାସାୟନିକ ଦ୍ରବ୍ୟ ହେତୁ ସୃଷ୍ଟ କୃତ୍ରିମ ସୁଗନ୍ଧ ଓ ରଙ୍ଗ ହେତୁ କମଳା ରସର ଭ୍ରାନ୍ତି ସୃଷ୍ଟି ହୋଇଥାଏ। ଏଭଳି ଦୃଷ୍ଟାନ୍ତର ତାଲିକା ଅତ୍ୟନ୍ତ ଦୀର୍ଘ, ଯେଉଁଥି ଲାଗି ଏହି ସ୍ତମ୍ଭର ସ୍ଥାନ ନିଅଣ୍ଟ ପଡ଼ିବ। ତେବେ, ଏଭଳି ଖାଦ୍ୟ ଓ ପାନୀୟର ଦୁଷ୍ପ୍ରଭାବରୁ ଭାରତ ଯେ ମଧୁମେହ ଓ ଉଚ୍ଚ ରକ୍ତଚାପ ଭଳି ରୋଗର ରାଜଧାନୀ ହେବାକୁ ବସିଲାଣି, ତହିଁରେ ଦ୍ୱିରୁକ୍ତି ନାହିଁ। ବିଶେଷଜ୍ଞମାନେ କହନ୍ତି ଯେ ଏହି ଧାରା ଅବ୍ୟାହତ ରହିଲେ ୨୦୩୦ ମସିହା ସୁଦ୍ଧା ଭାରତରେ ମଧୁମେହ ରୋଗୀଙ୍କ ସଂଖ୍ୟା ପ୍ରାୟ ୧୦ କୋଟିରେ ପହଞ୍ଚିଯିବ। ପ୍ରକାଶ ଥାଉ କି ୨୦୨୫-୨୬ର 'ଅର୍ଥନୈତିକ ସର୍ଭେ' ରିପୋର୍ଟରେ, ପ୍ରଥମ ଥର ଲାଗି ଏଭଳି ବ୍ୟାଧିର ବୋଝକୁ, ଆର୍ଥିକ ବିପତି ରୂପେ ଦର୍ଶାଯାଇଛି, କାରଣ ବିପୁଳ ଚିକିତ୍ସାଗତ ବ୍ୟୟ ସହିତ ଉତ୍ପାଦନରେ ହ୍ରାସ ଭଳି ସ୍ଥିତି ଆର୍ଥିକ ଅଭିବୃଦ୍ଧିକୁ କ୍ଷୁଣ୍ଣ କରିବ। ତେବେ, ପ୍ରଶ୍ନ ଉଠୁଛି ଯେ ସୁପ୍ରସିଦ୍ଧ ବ୍ରାଣ୍ଡଗୁଡ଼ିକ (ଉଭୟ ଦେଶୀ ଓ ବିଦେଶୀ) ଏଭଳି ଦ୍ୱୈତ ଆଚରଣ ପ୍ରଦର୍ଶନ କରନ୍ତି କାହିଁକି ? ଏହାର କାରଣ ହୋଇପାରେ କି ଏକ ପ୍ରକାର ହତାଦର ଓ ହେୟମନ୍ୟ ଭାବ ! କାରଣ ସାଧାରଣ ଭାରତୀୟମାନେ ହୁଏତ ସେମାନଙ୍କ ଦୃଷ୍ଟିରେ ଏବେ ସୁଦ୍ଧା ହୋଇଥାଇପାରନ୍ତି, ଅତୀତ ଉପନିବେଶର ଆଜ୍ଞାବହ ତଥା ଏକାଧାରରେ ଅସଚେତନ, ଅସତର୍କ ଓ ଅଶିକ୍ଷିତ ଖାଉଟି ! କିନ୍ତୁ, ବିଡ଼ମ୍ବନାଟି ହେଲା ଏହି ବ୍ରାଣ୍ଡଗୁଡ଼ିକ ମଧ୍ୟରେ କେତେକ ସ୍ୱଦେଶୀ ବ୍ରାଣ୍ଡ ମଧ୍ୟ ଅନ୍ତର୍ଭୁକ୍ତ। ଏଭଳି ସ୍ଥଳେ ଯାହା ଅଧିକ ତର୍କସଂଗତ ଭଳି ଲାଗିଥାଏ, ତାହା ହେଲା, ସାଧାରଣ ଭାରତୀୟ ଖାଉଟି 'ଶସ୍ତା' ଦରକୁ ଅଧିକ ମହତ୍ୱ ଦେଉଥିବାରୁ 'ଗୁଣବତ୍ତା' ଗୌଣ ହୋଇପଡ଼େ। କାରଣ, ଏହା ସ୍ୱାଭାବିକ ଯେ 'ଗୁଣବତା'କୁ ଗୁରୁତ୍ୱ ଦେଲେ ଦ୍ରବ୍ୟଟି ମହଙ୍ଗା ହୋଇଯାଇଥାଏ। ତେଣୁ କୃତ୍ରିମ ରଙ୍ଗ, ରସ, ଗନ୍ଧ ଓ ଅନ୍ୟାନ୍ୟ ଶସ୍ତା କଚାମାଲ ଦ୍ୱାରା ଦ୍ରବ୍ୟ ପ୍ରସ୍ତୁତ କରିବା ବାଧ୍ୟତାମୂଳକ ହୋଇ ପଡ଼ିଛି ବୋଲି ଅନେକ ବ୍ରାଣ୍ଡ ପକ୍ଷରୁ ମଧ୍ୟ ଯୁକ୍ତି ପ୍ରଦାନ କରାଯାଇଥାଏ। ତେବେ, ଏଭଳି ସ୍ଥିତିରେ 'ଏଫ.ଏସ.ଏସ.ଏ.ଆଇ.' ଏକ ନିୟନ୍ତ୍ରକ ସଂସ୍ଥା ରୂପେ ଅଧିକ ନଖ-ଦନ୍ତ ଦେଖାଇବା ଆବଶ୍ୟକ ବୋଲି କୁହାଯାଇଥାଏ। କିନ୍ତୁ, କଥା ହେଲା, 'ଏଫ.ଏସ.ଏସ.ଏ.ଆଇ.'ର ଭୂମିକା ଏ ପର୍ଯ୍ୟନ୍ତ ମୁଖ୍ୟତଃ ଖାଦ୍ୟ ବ୍ୟବସାୟୀମାନଙ୍କ ପଞ୍ଜୀକରଣ ଓ ଲାଇସେନ୍‌ସ ପ୍ରଦାନରେ ସୀମିତ ରହିଛି। ଅବଶ୍ୟ କଦବା କେମିତି କ୍ୱଚିତ୍, ନିୟମ ଉଲ୍ଲଂଘନକାରୀ ବ୍ୟାବସାୟିକ ସଂସ୍ଥା ବିରୋଧରେ 'ଏଫ.ଏସ.ଏସ.ଏ.ଆଇ.' କାର୍ଯ୍ୟାନୁଷ୍ଠାନ କରିଥିବାର ସମ୍ବାଦ ଆସିଥାଏ, କିନ୍ତୁ, ଲାଇସେନ୍‌ସକୁ ସାମୟିକ ରଦ୍ଦ କରିବା ବ୍ୟତୀତ ଦଣ୍ଡିତ କରିବାର କୌଣସି ବିଶେଷ କ୍ଷମତା 'ଏଫ.ଏସ.ଏସ.ଏ.ଆଇ.'ର ନାହିଁ। କାରଣ ଫୁଡ୍ ଅପରେଟରମାନେ ପାଉଥିବା ଲାଇସେନ୍‌ସ ହେଉଛି କାଳାତୀତ ଏବଂ ତ୍ରୁଟି ସୁଧାରିଦେଲେ ଖିଲାପୀମାନେ ପୁନର୍ବାର ବ୍ୟବସାୟରେ ସକ୍ରିୟ ହୋଇପାରନ୍ତି। ଏଭଳି ସ୍ଥଳେ, ଖାଉଟି ସଚେତନତା ହିଁ ସର୍ବାଧିକ ପ୍ରଭାବଶାଳୀ ବୋଲି କହିଥାଆନ୍ତି 'ଏଫ.ଏସ.ଏସ.ଏ.ଆଇ.'ର ସି.ଇ.ଓ. ରଣଜିତ ପୁନହାନି। ତାଙ୍କ ମତରେ ୟୁରୋପ ହେଉ ବା ଆମେରିକା; ସଚେତନ ଖାଉଟିମାନଙ୍କ ପସନ୍ଦ ଓ ପ୍ରତ୍ୟାଖ୍ୟାନ ଆଧାରରେ ଦ୍ରବ୍ୟଗୁଡ଼ିକ ଦୋକାନ ଥାକରେ ସ୍ଥାନ ପାଉଛନ୍ତି ଏବଂ ପ୍ରସ୍ତୁତକର୍ତାମାନେ ସେ ନେଇ ସତର୍କ ରହନ୍ତି। ସାମାଜିକ ଗଣମାଧ୍ୟମ ପ୍ରଭାବରୁ ସଂପ୍ରତି ଭାରତରେ ଖାଉଟି ସଚେତନତା ଖୁବ୍ ବୃଦ୍ଧି ପାଇଲାଣି। କିନ୍ତୁ ପ୍ରଶ୍ନ ହେଲା ଇଂରେଜୀ ଶିକ୍ଷା ବିରହିତ ଏକ ବିଶାଳ ବର୍ଗର ଭାରତୀୟମାନଙ୍କ ସକାଶେ ପ୍ୟାକେଟ ଉପରେ ଥିବା ଇଂରେଜୀ ଶବ୍ଦ ସଂବଳିତ ସୂଚନା ବା ସତର୍କ ବାଣୀର ବିଶେଷ ମୂଲ୍ୟ ଥାଏ କି ? ନବମ ଦଶକରେ ବିଶିଷ୍ଟ ସମାଜବାଦୀ ନେତା ସ୍ୱର୍ଗତ କିଶନ ପଟ୍ଟନାୟକ ଠାଏ କହିଥିଲେ, କିଭଳି ଅନେକ ଆଦିବାସୀ ପଲ୍ଲୀର ଲୋକେ ନିରକ୍ଷର ହୋଇଥିବା ସତ୍ତ୍ୱେ 'ବ୍ରାଣ୍ଡ' ସାକ୍ଷର ହୋଇସାରିଛନ୍ତି, ଅର୍ଥାତ୍ ଦୁଇ ମିନିଟିଆ ନୁଡଲ୍‌ସର ପ୍ୟାକେଟ ଦେଖି ସେମାନେ ଚିହ୍ନି ପାରୁଛନ୍ତି ଓ ଦୋକନରେ ମାଗୁଛନ୍ତି।

# ଶିକ୍ଷା ଓ ଆର୍ଥିକ ସ୍ଥିତି ସହିତ ସାମାଜିକ ବୈଷମ୍ୟତାର ସଂପର୍କ

ଗଭୀର ଶିକ୍ଷା ଓ ଅସୀମ ଆର୍ଥିକ ସମ୍ଭାର ମଧ୍ୟରେ ରହିଥିବା ଜଣେ ଆଦିବାସୀ ପରିବାର ସହିତ- କୌଣସି ଦଳିତ ପରିବାର, ପାରିବାରିକ ସଂପର୍କ ସ୍ଥାପନ କରିବା ପାଇଁ ସ୍ୱଇଛାରେ ଗ୍ରହଣ କରିପାରିବେ କି ? ସେମିତି ଦଳିତ ପରିବାର ସହିତ ଅନ୍ୟାନ୍ୟ ପଛୁଆ ବର୍ଗର ପାରିବାରିକ ସମ୍ବନ୍ଧ ସମ୍ଭବ ହେବ କି ? ଏହା ଅନୁସନ୍ଧାନ ସାପେକ୍ଷ ! ଆମ ଅନୁମାନରେ ଏହା ଆଦୌ ସମ୍ଭବ ନୁହେଁ ! ୮୦ ବର୍ଷର ଆରକ୍ଷଣ ପାଇବା ପରେ ଏକବିଂଶ ଶତାବ୍ଦୀରେ ଯଦି ସେମାନଙ୍କ ମଧ୍ୟରେ ମାନସିକତାରେ କୌଣସି ପରିବର୍ତନ ହେଉନାହିଁ ତାହେଲେ ସବର୍ଣ୍ଣ ସହିତ ସେମାନଙ୍କ ପାରିବାରିକ ସଂପର୍କ ଯୋଡିବା ବିଷୟ ଭାବନା ବହିର୍ଭୁତ ରହିବା କଥା ! ଠିକ ସେହିଭଳି ପଛୁଆ ବର୍ଗରେ ସବୁ ଗୋଷ୍ଠୀ ମଧ୍ୟରେ ପାରିବାରିକ ସଂର୍ପକ ସ୍ଥାପନ ହେଉନଥିବା ମଧ୍ୟ କୌଣସି ଅଲୌକିକ ଆଶ୍ଚର୍ଯ୍ୟ ବିଷୟ ନୁହେଁ ଯାହା ଆମେ ସମସ୍ତେ ଦେଖୁଛେ, ଜାଣିଛେ ! ଭିନ୍ନ ସ୍ୱରର ମତଦାତାଙ୍କୁ ଏହା ପଚାରିବା ଆବଶ୍ୟକ ଯେ ସେମାନେ ଏହା ସମ୍ଭବ କରି ଦେଖାଇ ପାରିବେ କି ? ଏହା ପଛର ରହସ୍ୟକେବଳ ଭିନ୍ନ ଭିନ୍ନ ଗୋଷ୍ଠିଗତ ସାମାଜିକ/ପାରିବାରିକ ସଂସ୍କାର ଜନିତ ସ୍ୱାଭିମାନ କାରଣରୁ। ଏଠାରେ ସଦ୍ୟ ପ୍ରମାଣିତ ହୁଏ ଯେ କେତେ ଶିକ୍ଷାଗତ ଯୋଗ୍ୟତା ହେଉ କି ଆର୍ଥିକ ସ୍ୱଚ୍ଛଳାବସ୍ଥା ରହିଥିଲେ ମଧ୍ୟ ସମଭାବାପନ୍ନ ବୈଚାରିକ ସଂସ୍କାରର ତାଳମେଳ ନହେବା ପର୍ଯ୍ୟନ୍ତ ଗୋଷ୍ଠିଗତ ବୈଷମ୍ୟତା ଦୂର ହେବନାହିଁ। ଏହି ପରୀକ୍ଷା ଆସନ୍ତା ୫୦୦୦ ବର୍ଷ ପର୍ଯ୍ୟନ୍ତ ବଳବତର ରହିଲେ ମଧ୍ୟ ମାନସିକ ସ୍ତରରେ ପରିବର୍ତନ କରିବା ସମ୍ଭବ ହେବନାହିଁ ଯାହା ଏକ ପ୍ରାକୃତିକ ମନସ୍ତତ୍ୱ। ତେଣୁ ଶିକ୍ଷା ଓ ସଂସାଧନ; ସାମାଜିକ ବୈଷମ୍ୟତାର କାରଣ ନୁହେଁ ବୋଲି ସମସ୍ତେ ବୁଝିବାକୁ ହେବ। ଭାରତରେ ସାମାଜିକ ବୈଷମ୍ୟତାର ଏକମାତ୍ର କାରଣ ହେଉଛି ଗୋଷ୍ଠିଗତ ବୈଚାରିକ ସଂସ୍କାର ଯାହା ପ୍ରତ୍ୟେକ ଗୋଷ୍ଠୀର ସ୍ୱତନ୍ତ୍ରତାର ପରିଚୟ ଦିଏ। ଏମିତି କି ତଥା କଥିତ ସବର୍ଣ୍ଣଙ୍କ ମଧ୍ୟରେ ଅନେକ ଗୋଷ୍ଠିଗତ ବୈଷମ୍ୟତା ରହିଛି ଯାହା ସେମାନଙ୍କ ମଧ୍ୟରେ ମଧ୍ୟ ପାରିବାରିକ ସଂର୍ପକକୁ ଅସ୍ୱୀକାର କରିଥାଏ ! ଅର୍ଥାତ ଏଠାରେ ପଛୁଆ-ସବର୍ଣ୍ଣ ମଧ୍ୟରେ କେବଳ ଗୋଷ୍ଠିଗତ ବିଭେଦ ରହିଥବା ନୁହେଁ; ବରଂ ପ୍ରତ୍ୟେକ ସ୍ୱତନ୍ତ୍ର ଗୋଷ୍ଠୀଙ୍କ ମଧ୍ୟରେ ଅନେକ ବିଭେଦତା ଦେଖିବାକୁ ମିଳେ ଯାହା ସବୁ ସମାପ୍ତ ହେବାପାଇଁ ହୁଏତ କେତେଯେ ବର୍ଷ ଲାଗିବ - କିମ୍ବା ହେବ କି ନାହିଁ ମଧ୍ୟ ଆକଳନ କରିବା ସମ୍ଭବ ନୁହେଁ ! ଉପସ୍ଥିତ ସମୟର ସାମାଜିକ ଆବଶ୍ୟକତା : ସାମାଜିକ ମାନ୍ୟତା ଓ ଗ୍ରହଣୀୟତା କ୍ଷେତ୍ରରେ ଶିକ୍ଷା କିମ୍ବା ଆର୍ଥିକ ସମୃଦ୍ଧି ଆଦୌ ସହଯୋଗ କରିବ ନାହିଁ; ଯେପର୍ଯ୍ୟନ୍ତ ମଣିଷର ବୌଦ୍ଧିକ ଚେତନା ଜାଗ୍ରତ ହୋଇନାହିଁ। ଅତଏବ ଉପସ୍ଥିତ ଆରକ୍ଷଣ ବ୍ୟବସ୍ଥା ଯଦି ପଛୁଆ ବର୍ଗଙ୍କୁ କେବଳ ଶିକ୍ଷା ଏବଂ ତା ମାଧ୍ୟମରେ ରୋଜଗାର ଦେବା ଲକ୍ଷ ରଖିଥାଏ ଏବଂ ସାମାଜିକ ଅସମାନତା ଉପରେ କୌଣସି ଆବଶ୍ୟକତା ନଥାଏ ତାହେଲେ ଏହା ରହିବା କୌଣସି ଅଯୌକ୍ତିକ ନୁହେଁ। ଏହିଭଳି ବ୍ୟବସ୍ଥା ମାଧ୍ୟମରେ ୫୦୦୦ ବର୍ଷ ଅପେକ୍ଷା କଲେ ମଧ୍ୟ ସେମାନଙ୍କ ସାମାଜିକ ଭେଦଭାବ ଜନିତ ଅଗ୍ରହଣୀୟତା ସମାପ୍ତ ହେବା ସମ୍ଭାବନା ଦିଶୁନାହିଁ। କାରଣ ପୂର୍ବରୁ ଆମେ ଅନୁଶୀଳନ କରିଛେ ଯେ ସାମାଜିକ ଭେଦଭାବ / ମାନ୍ୟତା; ଶିକ୍ଷା ଆଉ ରୋଜଗାର ନୁହେଁ ବରଂ ବୌଦ୍ଧିକ ଚେତନାରେ ସଂସ୍କାର ଜନିତ ହେଉଥିବା ପରିଦୃଷ୍ଟିତ। ବର୍ତମାନ କଥା ଆସିଲା ଯେ ଆମେ ସେମାନଙ୍କ ସାମାଜିକ ଭେଦଭାବ ସମାପ୍ତ କରି / ମାନ୍ୟତା ବିକାଶ କରିବା ଲକ୍ଷ ରଖି କାର୍ଯ୍ୟ କରିବା ବିଧେୟ କି ନୁହେଁ। ପୂର୍ବରୁ ଯେଉଁମାନେ ଉପସ୍ଥିତ ବ୍ୟବସ୍ଥା ଉପରେ ଦୃଷ୍ଟିପାତ କରିଥିଲେ ସେମାନଙ୍କ ଏହି ବିଚାର ରହିଥିଲା କି ନାହିଁ ? କେବଳ ଶିକ୍ଷା ଏବଂ ରୋଜଗାର ଦେଇ ସମାଜରେ ଅସମାନତା/ ଭେଦଭାବ ରହିବା ଦ୍ୱାରା ରାଷ୍ଟ୍ରୀୟ ବିକାଶରେ ଏକତା ସୃଷ୍ଟି ହେବା ସମ୍ଭାବନାକୁ ସେମାନେ କିପରି ଦେଖିଥିଲେ ? ନା ସବୁ ଜାଣିଶୁଣି କୌଣସି ସ୍ୱାର୍ଥ ଉଦ୍ଦେଶ୍ୟରେ ଏଭଳି ବ୍ୟବସ୍ଥା ଲାଗୁ କରିଥିଲେ ? ଅଥବା ବୌଦ୍ଧିକ ସଂସ୍କାର ଜାଗ୍ରତ କରି ପଛୁଆ ବର୍ଗଙ୍କ ଉତ୍ଥାନ କରିବା ମାର୍ଗ ଦିଶୁନଥିଲା ସେମାନଙ୍କୁ ? କିମ୍ବା ଅନ୍ୟ କୌଣସି ସାମାଜିକ ପ୍ରତିବନ୍ଧକ ରହିଥିଲା ତା ଉପରେ ଆଲୋଚନା କରିବା ପାଇଁ ? ନା ଏହା ଏକ ରାଜନୈତିକ ସ୍ୱାର୍ଥାନ୍ଧ ବ୍ୟବସାୟର ପରିପନ୍ଥୀ ସାଜିଲା ? ଏହା ରାଷ୍ଟ୍ରୀୟ ବିକାଶ ମାଗଦର୍ଶୀ ନା ଏକ ସ୍ୱତନ୍ତ୍ର ଗୋଷ୍ଠିଗତ ସ୍ୱାର୍ଥ ପାଇଁ ଆଧାରିତ ? ଏମିତି ଅସଂଖ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୁଏ ମନରେ ଯେ ଏହି ଆରକ୍ଷଣ ବ୍ୟବସ୍ଥା ପ୍ରକୃତରେ ସର୍ବସାଧାରଣଙ୍କ ଓ ରାଷ୍ଟ୍ରୀୟ ବିକାଶର ବାର୍ତାବହ ନା ସେମାନଙ୍କ ଅବନତିର ପନ୍ଥା ? ଏସବୁର ଉର ନପାଇବା ପର୍ଯ୍ୟନ୍ତ ଉପସ୍ଥିତ ଆରକ୍ଷଣ ବ୍ୟବସ୍ଥା ଉପରେ ଆଲୋଚନା କରିବା ସଂପୂର୍ଣ୍ଣ ବ୍ୟର୍ଥ ହୋଇପାରେ ବୋଲି ଆମ ବିଚାର। ବୌଦ୍ଧିକ ବିକାଶର ମାଧ୍ୟମ କଣ ଏବଂ ତହିଁରୁ ପଛୁଆ ବର୍ଗ କେମିତି ଓ କାହିଁକି ବିରତ ରହିଛନ୍ତି- ଅଧିକନ୍ତୁ କଣ କରାଗଲେ ସେମାନେ ସମାନ୍ତରାଳ ହୋଇପାରିବେ ? ଉପସ୍ଥିତ ଆରକ୍ଷଣ ବ୍ୟବସ୍ଥା ତାପାଇଁ କେତେଦୂର ଉପଯୁକ୍ତ; ନା ଅନ୍ୟ କୌଣସି ଉପାୟରେ ତାହା ସମ୍ଭବ ବିଚାର କରାଯିବା ଆବଶ୍ୟକ। ଗୋଷ୍ଠିଗତ ସ୍ୱାର୍ଥ ଉଦ୍ଦେଶ୍ୟରେ ବ୍ୟବହାର : ଆମ ଦେଶର ସାମ୍ବିଧାନିକ ମାଧୁର୍ଯ୍ୟତା କାରଣରୁ ପ୍ରାରମ୍ଭରୁ ଏପର୍ଯ୍ୟନ୍ତ କେତେଯେ ମହାନ ବ୍ୟକ୍ତିତ୍ୱ ଅଦ୍ୟାବଧି ଆଶାତୀତ ପ୍ରଗତିର ପ୍ରଳୟ ସୃଷ୍ଟି କରି ଆସୁଛନ୍ତି - ତା ଉପରେ କୌଣସି ମନ୍ତବ୍ୟ ଦେବା ଆବଶ୍ୟକ ନାହିଁ ବରଂ ସମସ୍ତେ ଭୁକ୍ତଭୋଗୀ ! ଉପର ଚର୍ଚ୍ଚିତ ବିଷୟ ଗୁଡିକୁ ସାମାନ୍ୟ ନିରବ ଅନୁଧ୍ୟାନ କରି ବିଶ୍ଳେଷଣ କଲେ ବୁଝି ହେଉଛି ଯେ ଉପସ୍ଥିତ ଆରକ୍ଷଣ ବ୍ୟବସ୍ଥାର ରୂପରେଖ କେବଳ ଏକ ପ୍ରୟୋଗାତ୍ମକ ନମୁନା ଭାବେ ଯୋଜନା ପ୍ରସ୍ତାବିତ କରାଯାଇ ଥିଲା। ତାପରେ ତା'ର ଫଳାଫଳକୁ ସୂକ୍ଷ୍ମଭାବେ ଯାଞ୍ଚ କରି ଆଗକୁ ବଢ଼ିବା ଲକ୍ଷ ରଖାଯାଇଥିଲା। ସମୟର ଧାରାରେ ପ୍ରୟୋଗକାରୀ ତ ସଂସାର ପରିତ୍ୟାଗ କଲେ- ହେଲେ ଯୋଜନାର ସମୟ ଅବଧି ଅନ୍ତେ ତାହାର ଫଳାଫଳ ଉପରେ କୌଣସି ବିଶ୍ଳେଷଣାତ୍ମକ ଯାଞ୍ଚ ନକରି; ଆଗନ୍ତୁକ ଏହି କାର୍ଯ୍ୟର ବିନିଯୋଗ ହୁଏତ ଦଳୀୟ ସ୍ୱାର୍ଥକୁ ଆଧାର କରି ତା'ର ସମୟ ସୀମା ବୃଦ୍ଧି କରିବାରେ ଲାଗିଲେ ! ବର୍ତମାନ ସୁଦ୍ଧା ଏହି ଯୋଜନାର ଶେଷ ସଫଳତା ଉପରେ କୌଣସି ଶ୍ୱେତପତ୍ର ଜାରି କରାଯାଇ ନାହିଁ ! ଏହା ସାମାଜିକ ଅବଶ୍ୟକତାର ମୂଳ ଆଧାରକୁ ସଂପୂର୍ଣ୍ଣ କରୁଛି କି ନାହିଁ ତାର ବିଶ୍ଳେଷଣାତ୍ମକ ଆଲୋଚନା ହୋଇନାହିଁ ! ପୁନର୍ବାର -ସମୟ ଅବଧି ସହିତ ଅନେକ ଆଇନ କାନୁନ ଯୋଡି ଯୋଜନାର ଭିତି ଭୂମିକୁ ସୁଦୃଢ଼ କରାଯିବାରେ କାହାର ସ୍ୱାର୍ଥ ସାଧନ ହେଉଛି ଦେଖିବା ଜରୁରୀ ! ଏହାଦ୍ୱାରା ସମାଜରେ ଜାତିଗତ / ଗୋଷ୍ଠିଗତ ବୈଷମ୍ୟତା ଦୂର ହେଉଛି / ହେବ କି ? ସଂପୂର୍ଣ୍ଣ ଅସମ୍ଭବ ଆମେ ଯାହାର ବିଶ୍ଳେଷଣାତ୍ମକ ଅନୁଶୀଳନ କରି ଦେଖିଛେ ପୂର୍ବରୁ ! ଏହାଦ୍ୱାରା ସମଗ୍ର ପଛୁଆ ବର୍ଗ ସମୂହଙ୍କ ସାମାଜିକ / ଆର୍ଥିକ / ବୌଦ୍ଧିକ ବିକାଶ ହୋଇଛି / ହେଉଛି କି ? ଏହାଦ୍ୱାରା ରାଷ୍ଟ୍ରୀୟ ବିକାଶରେ ସହଯୋଗ ମିଳିଛି / ମିଳୁଛି କି ? ପରୀକ୍ଷା କରି ଦେଖାଯିବା ଆବଶ୍ୟକ। ଯଦି ଏସବୁ ପ୍ରଶ୍ନର ଉତରରେ ଯୁକ୍ତାତ୍ମକ / ଯୌକ୍ତିକ ଉତର ମିଳିବ ତାହେଲେ ଏହି ଯୋଜନାକୁ ବଳବତର ରଖାଯିବା ବିଧେୟ। ଯଦି ନାହିଁ ତାହେଲେ ରାଷ୍ଟ୍ରୀୟ ମର୍ଯ୍ୟାଦା ଓ ବିକାଶ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରି ଏହାର ସଂଶୋଧନାତ୍ମକ ପରିବର୍ତନ କରାଯିବା ଏକାନ୍ତ ଆବଶ୍ୟକ। ସିଦ୍ଧାନ୍ତ: ରାଜନୈତିକ ସ୍ୱାର୍ଥ ଦୃଷ୍ଟିକୋଣରେ ରଖି ଏହି ଯୋଜନା ଉପରେ ଦିଆଯାଉଥିବା କାହାର କୌଣସି ପ୍ରକାର ମନ୍ତବ୍ୟ ଆଦୌ ଗ୍ରହଣୀୟ ନୁହେଁ। ଏହି ସବୁ ବିଷୟ ଉପରେ ପୁଙ୍ଖାନୁପୁଙ୍ଖ ତର୍ଜମା କରିବା ପରେ ରାଜନୈତିକ ଇଚ୍ଛାଶକ୍ତି ଉପରେ ନିର୍ଭର ନକରି ଦେଶର ସାମ୍ବିଧାନିକ ଆଇନ ମାଧ୍ୟମରେ ସଂଶୋଧନ କରାଯିବା ଆବଶ୍ୟକ। ଏଥିରେ ସବୁ ବର୍ଣ୍ଣର ଲୋକଙ୍କୁ ଆହ୍ୱାନ କରି ସଂଶ୍ଳିଷ୍ଟ କରାଯିବା ଆବଶ୍ୟକ। ଏହା କୌଣସି ଗୋଟିଏ କିମ୍ବା କେତେକ ଗୋଷ୍ଠୀଙ୍କୁ ପ୍ରଭାବିତ ନକରି ସମଗ୍ର ଦେଶବାସୀଙ୍କୁ ପ୍ରଭାବିତ କରୁଥିବା ବିଶେଷ ବିଶ୍ଳେଷଣାତ୍ମକ ମନ୍ତବ୍ୟ ପ୍ରଦାନ କରାଯିବା ଗୁରୁତ୍ୱପୂର୍ଣ୍ଣ। ରାଜନୈତିକ ସ୍ୱାର୍ଥାନ୍ଧ ସାଧାରଣ ନିର୍ବୋଧଙ୍କୁ ଅଯୌକ୍ତିକ/ ବିପରୀତମୁଖୀ ଚେତନା ପ୍ରଦାନ ପୂର୍ବକ ମାନସିକ ଅସନ୍ତୁଳନ ସୃଷ୍ଟି କରୁଥିବା ଦେଖିବାକୁ ମିଳୁଛି ! ସାଧାରଣ ନିର୍ବୋଧ ସେମାନଙ୍କ ସ୍ୱାର୍ଥାନ୍ଧ ମୁଖା ଆଢୁଆଳର ଅସଲ ଚେହେରା ଦେଖିବାରେ ଅସମର୍ଥ ରହି; ସେମାନଙ୍କ ଷଡ଼ଯାନ୍ତ୍ରୀକ ଭାଷଣରେ ଉତକ୍ଷିପ୍ତ ହେଉଥିବା ଦେଖିବାକୁ ମିଳୁଛି ! ସମଗ୍ର ଦେଶବାସୀଙ୍କ ସ୍ୱାର୍ଥରେ ଗୋଷ୍ଠିଗତ ସ୍ୱାର୍ଥ ଜନିତ ଲାଭାଂଶ ଅଧିଗ୍ରହଣ କରାଯାଉଥିବା ବିଷୟର ପର୍ଦାଫାଶ କରାଯିବା ଅତ୍ୟନ୍ତ ଜରୁରୀ। ଏଠାରେ ଏକ ସାମାନ୍ୟ ଉଦାହରଣ ନେଇ ବୁଝିବାକୁ ହେବ ଯେ ଯଦି ଆରକ୍ଷଣ ମାଧ୍ୟମରେ ନିମ୍ନ ସ୍ତରର ଜଣେ ଛାତ୍ରକୁ କୌଣସି ସାର୍ବଜନୀନ କ୍ଷେତ୍ରରେ ନିୟୋଜିତ କରାଯିବ-- ତାହେଲେ ସେହି ବ୍ୟକ୍ତିର ବ୍ୟକ୍ତିଗତ ପାରିବାରିକ ସମସ୍ୟା ଦୂର ହୋଇଯାଇ ପାରେ ! କିନ୍ତୁ ତାର କାର୍ଯ୍ୟକ୍ଷମତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ଦ୍ୱାରା; ତା ନିଜ ପରିବାର, ସଂପ୍ରଦାୟ ସହିତ ସର୍ବସାଧାରଣଙ୍କ କ୍ଷତି ହେବା ସହିତ ରାଷ୍ଟ୍ରୀୟ ପ୍ରଗତିରେ ବାଧକ ହେବ ଯାହା ହୁଏତ ଆମ ଦେଶକୁ ପଶ୍ଚାତ୍‌ପଦ କରିବ ! ତେଣୁ ସାର୍ବଜନୀନ କ୍ଷେତ୍ରରେ ଉପଯୁକ୍ତ କ୍ଷମତା ଆଧାରରେ ନିୟୋଜନ ବ୍ୟବସ୍ଥା ଗୋଟିଏ ରାଷ୍ଟ୍ର ଗଠନର ମୂଳଦୁଆ ହୋଇଥାଏ। ଆରକ୍ଷିତ ଆସନ ତାର ବିପରୀତରେ କାର୍ଯ୍ୟ କରିଥାଏ ଯାହା ସର୍ବସାଧାରଣଙ୍କ କ୍ଷତିର କାରଣ ହେବା ସହିତ ରାଷ୍ଟ୍ରୀୟ ବିକାଶକୁ ବାଧିତ କରିଥାଏ। ସେମିତି ହେଉଛି ମଧ୍ୟ ଯାହା ସବୁ ଆମେ ସମସ୍ତେ ଦେଖି ଆସୁଅଛେ। ପରାର୍ମଶ : ସୁଚିନ୍ତିତ ମାନବିକ ବିଚାର ମଧ୍ୟରେ ଉପରୋକ୍ତ ସମସ୍ତ ବିଷୟ ଗୁଡିକୁ ଅନୁଧ୍ୟାନ କରି ଦେଖିଲେ ଜାଣି ହେଉଛି ଯେ; ଆରମ୍ଭରୁ ଅଦ୍ୟାବଧି- ରାଷ୍ଟ୍ରୀୟ ନାଗରିକ ସମୁହଙ୍କୁ ଏକାକାର ନକରି ବିଭାଜିତ କରାଯାଇ ଆସୁଅଛି। ଏହା କୌଣସି ଗୋଷ୍ଠୀ / ସମୂହ ଦ୍ୱାରା ହେଉ, କିମ୍ବା ରାଜନୈତିକ ଦଳୀୟ ସ୍ୱାର୍ଥ କାରଣରୁ- କୌଣସିମତେ ଗ୍ରହଣୀୟ ନୁହେଁ। ଆଜି ଏକବିଂଶ ଶତାବ୍ଦୀରେ ପୃଥିବୀର ସର୍ବ ପ୍ରଥମ ସଭ୍ୟତାର ଧ୍ୱଂସାଭିମୂଖୀ ପରିସ୍ଥିତିକୁ ଗ୍ରହଣ କରାଯିବା ଆଦୌ ସ୍ପୃହଣୀୟ ନୁହେଁ ! ଏକ ସାମାନ୍ୟ ଗୋଷ୍ଠୀ ଦେଶର ସମଗ୍ର ସଂସାଧନକୁ ବ୍ୟବହାର / ଉପଭୋଗ କରୁଥିବା ବେଳେ ପ୍ରାୟତଃ ୮୦ ପ୍ରତିଶତ ଲୋକ ଅତ୍ୟନ୍ତ ଦୁଃଖ ଦୁର୍ଦ୍ଦଶା ଜନିତ ଅଭାବନୀୟ ପରିସ୍ଥିତିରେ ବଂଚୁଥିବା ସମସ୍ତେ ଜାଣୁଛନ୍ତି। ତେଣୁ ଆର୍ଥିକ ଅନଗ୍ରସର ପରିସ୍ଥିତିରେ ବଂଚୁଥିବା ସବୁ ଲୋକଙ୍କୁ ଶ୍ରେଣୀଭୁକ୍ତ କରି ଅତ୍ୟାବଶ୍ୟକ ପରିସ୍ଥିତରେ ରହିଥିବା ମଣିଷଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ରୋଜଗାର ଦିଗରେ ବ୍ୟାପକ ସହଯୋଗ କରି ସମାନ୍ତରାଳ ପରିବେଶ ସୃଷ୍ଟି କରିବା ଏକ ରାଷ୍ଟ୍ରୀୟ ଲକ୍ଷ ହେବା ଅତ୍ୟନ୍ତ ଜରୁରୀ। ସର୍ବସାଧାରଣ ଏହି କାର୍ଯ୍ୟରେ ନିଜକୁ ସଂଯୋଜିତ କରି ସହଯୋଗ କରିବା ଆଜିର ଆହ୍ୱାନ।

# ଆନ୍ଦୋଳନରେ ହିଂସା

ଗଣତନ୍ତ୍ରରେ ଦାବି ରଖିବାର ଅଧିକାର ଅଛି, ପ୍ରତିବାଦ କରିବାର ଅଧିକାର ଅଛି, ସରକାରଙ୍କ ନୀତିକୁ ପ୍ରଶ୍ନ କରିବାର ଅଧିକାର ଅଛି। କିନ୍ତୁ ଗଣତନ୍ତ୍ର କେବେ ମଧ୍ୟ ହିଂସାକୁ ଅନୁମତି ଦିଏନାହିଁ। ନିଜ ଦାବି ପାଇଁ ରାସ୍ତାକୁ ଆସିବା ଏକ ଗଣତାନ୍ତ୍ରିକ ଅଧିକାର; ସାଧାରଣ ଲୋକଙ୍କ ସମ୍ପତ୍ତି ଭାଙ୍ଗିବା, ଗାଡ଼ି ଧ୍ୱଂସ କରିବା, ପୁଲିସ ଯାନକୁ କ୍ଷତି ପହଞ୍ଚାଇବା ଓ ସାଧାରଣ ଜୀବନକୁ ବିପର୍ଯ୍ୟସ୍ତ କରିବା କୌଣସି ଅଧିକାର ନୁହେଁ— ଏହା ଆଇନର ସୀମା ଅତିକ୍ରମ। ରାଜଧାନୀର ମାଷ୍ଟର କ୍ୟାଣ୍ଟିନ ଅଂଚଳରେ ଅନଲାଇନ୍ ଟ୍ୟାକ୍ସି ସଂଘର ଆନ୍ଦୋଳନକୁ ନେଇ ଯଦି ଚଉଦଟି 'ଆମ ବସ୍' ଧ୍ୱଂସ କରାଯାଇଥିବା ଏବଂ ପୁଲିସ ଯାନ କ୍ଷତିଗ୍ରସ୍ତ ହୋଇଥିବା ଘଟଣା ସତ୍ୟ, ତେବେ ଏହାକୁ କେବଳ ଏକ ସଂଘର ଆନ୍ଦୋଳନ ଭାବେ ଦେଖିଲେ ଚାଲିବ ନାହିଁ। ଏହା ସିଧାସଳଖ ଭାବେ ଆଇନ ଓ ଶୃଙ୍ଖଳା, ସାଧାରଣ ସମ୍ପତିର ସୁରକ୍ଷା ଏବଂ ନାଗରିକଙ୍କ ସୁରକ୍ଷା ସହ ଜଡ଼ିତ ପ୍ରଶ୍ନ। ଆନ୍ଦୋଳନ ପାଇଁ ଅନୁମତି ଆବଶ୍ୟକ ଥିଲା କି ନାହିଁ, ନିର୍ଦ୍ଧାରିତ ସ୍ଥାନ ଓ ସର୍ତ ଉଲ୍ଲଂଘନ ହୋଇଥିଲା କି ନାହିଁ, କିଏ ହିଂସା ଆରମ୍ଭ କଲା, କିଏ ସରକାରୀ ବା ସାଧାରଣ ସମ୍ପତି ନଷ୍ଟ କଲା— ଏସବୁର ନିଷ୍ପକ୍ଷ ତଦନ୍ତ ହେବା ଦରକାର। ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ ଅଧୀନରେ ଯଦି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଥାଏ, ତେବେ ସେହି ନିର୍ଦ୍ଦେଶର ଉଦ୍ଦେଶ୍ୟ ହେଉଛି ଶାନ୍ତି, ସୁରକ୍ଷା ଓ ସାଧାରଣ ଜୀବନର ସୁରକ୍ଷା। ତାହାକୁ ଅମାନ୍ୟ କରି ଭିଡ଼ ହିଂସ୍ର ହେଲେ ତାହାକୁ ଆନ୍ଦୋଳନର ସ୍ୱାଭାବିକ ଅଂଶ ବୋଲି କହିବା ଆଇନର ଶାସନକୁ ଦୁର୍ବଳ କରିବ। ଏଠାରେ ଆଉ ଏକ କଥା ସ୍ପଷ୍ଟ ହେବା ଦରକାର—ବେସରକାରୀ ସଂଘର ନିଜସ୍ୱ ବ୍ୟବସାୟିକ ଦାବି କିମ୍ବା ବିବାଦକୁ ସରକାରୀ ସମ୍ପତି ଧ୍ୱଂସର ମାଧ୍ୟମରେ ସମାଧାନ କରାଯାଇପାରେ ନାହିଁ। ଯଦି କୌଣସି ନୀତି, ନିୟମ, ଭଡ଼ା, ଅନୁମତି, ବ୍ୟବସାୟିକ ପ୍ରତିସ୍ପର୍ଦ୍ଧା କିମ୍ବା ପରିବହନ ବ୍ୟବସ୍ଥାକୁ ନେଇ ଅସନ୍ତୋଷ ଅଛି, ତେବେ ଆଲୋଚନା, ସ୍ମାରକପତ୍ର, ଆଇନଗତ ପଦକ୍ଷେପ, ଶାନ୍ତିପୂର୍ଣ୍ଣ ଧାରଣା ଓ ଅନୁମୋଦିତ ପ୍ରତିବାଦ ହେଉଛି ଗଣତାନ୍ତ୍ରିକ ପଥ। କିନ୍ତୁ ରାସ୍ତାରେ ଆଇନ ହାତକୁ ନେଇ ହିଂସା କରିବା ଗ୍ରହଣୀୟ ନୁହେଁ। ଆମ ବସ୍ କେବଳ ଏକ ସରକାରୀ ଯାନ ନୁହେଁ। ଏହା ସାଧାରଣ ଲୋକଙ୍କ ଯାତାୟାତ ସୁବିଧା ସହ ଜଡ଼ିତ। ଏକ ବସ୍ ଭାଙ୍ଗିଲେ କ୍ଷତି କେବଳ ଗାଡ଼ିର ହୁଏ ନାହିଁ; ତାହାର ଭାର ଶେଷରେ ଜନସାଧାରଣଙ୍କ ଉପରେ ପଡ଼େ। ଚଉଦଟି ବସ୍ ନଷ୍ଟ ହୋଇଥିଲେ ତାହାର ଅର୍ଥ ହେଉଛି ଚଉଦଟି ଜନସେବାର ସାଧନ କ୍ଷତିଗ୍ରସ୍ତ। ସେହି କ୍ଷତିର ମୂଲ୍ୟ କିଏ ଦେବ ? ସାଧାରଣ ଲୋକଙ୍କ କରର ଟଙ୍କାରେ ପୁଣି ସେହି ସମ୍ପତି ମରାମତି ହେବ। ତେଣୁ ସାଧାରଣ ସମ୍ପତି ଧ୍ୱଂସ କରିବା ମାନେ ଶେଷରେ ଜନତାଙ୍କ ଟଙ୍କା ଉପରେ ଆଘାତ କରିବା। ପୁଲିସ ଯାନ କ୍ଷତିଗ୍ରସ୍ତ କରିବା ତାଠାରୁ ଅଧିକ ଗମ୍ଭୀର। ଆଇନ ଓ ଶୃଙ୍ଖଳା ରକ୍ଷା କରିବା ପାଇଁ ଯେଉଁ ପୁଲିସକର୍ମୀମାନେ ଘଟଣାସ୍ଥଳରେ ରହନ୍ତି, ସେମାନଙ୍କ ଯାନକୁ ଆକ୍ରମଣ କରିବା ରାଜ୍ୟର ଆଇନ ବ୍ୟବସ୍ଥାକୁ ସିଧାସଳଖ ଚ୍ୟାଲେଞ୍ଜ। ଗଣତନ୍ତ୍ରରେ ପୁଲିସକୁ ପ୍ରଶ୍ନ କରାଯାଇପାରେ, ପୁଲିସର କାର୍ଯ୍ୟପଦ୍ଧତି ଉପରେ ଅଭିଯୋଗ କରାଯାଇପାରେ, କିନ୍ତୁ ପୁଲିସ ଯାନ ଧ୍ୱଂସ କରିବା କୌଣସି ସମାଧାନ ନୁହେଁ। ଆନ୍ଦୋଳନକାରୀମାନେ ଏକ କଥା ବୁଝିବା ଆବଶ୍ୟକ—ଦାବିର ନ୍ୟାୟସଙ୍ଗତତା ଏବଂ ଆନ୍ଦୋଳନର ପଦ୍ଧତି ଦୁଇଟି ଭିନ୍ନ ବିଷୟ। ଦାବି ନ୍ୟାୟସଙ୍ଗତ ହୋଇପାରେ, କିନ୍ତୁ ହିଂସ୍ର ପଦ୍ଧତି ତାହାକୁ ନ୍ୟାୟସଙ୍ଗତ କରିଦିଏ ନାହିଁ। ବରଂ ହିଂସା ଦାବିର ନୈତିକ ଶକ୍ତିକୁ ଦୁର୍ବଳ କରେ। ସେଥିପାଇଁ ପ୍ରଶାସନଙ୍କ ଦାୟିତ୍ୱ ମଧ୍ୟ ସ୍ପଷ୍ଟ—ଆଇନ ସମସ୍ତଙ୍କ ପାଇଁ ସମାନ ହେବା ଦରକାର। ଯିଏ ହିଂସା କରିଛି, ସେ କେଉଁ ସଂଘର, କେଉଁ ଦଳର କିମ୍ବା କେଉଁ ପେଶାର ହେଉନା କାହିଁକି, ପ୍ରମାଣ ଆଧାରରେ ତାଙ୍କ ବିରୋଧରେ ଆଇନସମ୍ମତ ପଦକ୍ଷେପ ହେବା ଆବଶ୍ୟକ। ଏହି କାର୍ଯ୍ୟାନୁଷ୍ଠାନ ପ୍ରତିଶୋଧ ନୁହେଁ; ଏହା ଆଇନର ଶାସନ ପ୍ରତିଷ୍ଠାର ଆବଶ୍ୟକତା। ସେହିପରି, ଯଦି କୌଣସି ସରକାରୀ କର୍ମଚାରୀ କିମ୍ବା ପୁଲିସକର୍ମୀ ନିଜ କର୍ତବ୍ୟ ପାଳନରେ ଅନିୟମ କରିଥିବାର ପ୍ରମାଣ ମିଳେ, ତାଙ୍କ ବିରୋଧରେ ମଧ୍ୟ ଆଇନସମ୍ମତ ତଦନ୍ତ ହେବା ଦରକାର। ନ୍ୟାୟର ମୂଳ ନୀତି ହେଉଛି—କେହି ଆଇନରୁ ଉପରେ ନୁହେଁ। ମାଷ୍ଟର କ୍ୟାଣ୍ଟିନ ଭଳି ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ସ୍ଥାନରେ ଅନୁମତି ବିନା ଆନ୍ଦୋଳନ କରାଯାଇଥିଲେ ଏବଂ ତାହାରୁ ଯାତାୟାତ ବ୍ୟବସ୍ଥା ଓ ସାଧାରଣ ଜୀବନ ବାଧାପ୍ରାପ୍ତ ହୋଇଥିଲେ, ପ୍ରଶାସନଙ୍କୁ ଆରମ୍ଭରୁ ଆଇନସମ୍ମତ ଓ ସଂଯମୀ ପଦକ୍ଷେପ ନେବାକୁ ହେବ। ଭିଡ଼ ଜମିବା ପୂର୍ବରୁ ସଂଳାପ, ସ୍ପଷ୍ଟ ନିର୍ଦ୍ଦେଶ ଓ ବିକଳ୍ପ ସ୍ଥାନ ଦେବା ଭଳି ପଦକ୍ଷେପ ଉତେଜନା ହ୍ରାସ କରିପାରେ। କିନ୍ତୁ ଥରେ ହିଂସା ଆରମ୍ଭ ହେଲେ ସାଧାରଣ ଲୋକଙ୍କ ସୁରକ୍ଷା ପ୍ରଥମ ଦାୟିତ୍ୱ ହୋଇଯାଏ। ଆମେ ଏଠାରେ ଏକ ମୌଳିକ ପ୍ରଶ୍ନ କରିବା ଦରକାର—କୌଣସି ବେସରକାରୀ ଆନ୍ଦୋଳନର ଦାବି ପାଇଁ ସରକାର କାହିଁକି ଜନସମ୍ପତ୍ତିର କ୍ଷତିର ଭାର ବହନ କରିବ ? ସରକାରଙ୍କ ଭୂମିକା ହେଉଛି ଆଇନ ଅନୁସାରେ ସମସ୍ତ ପକ୍ଷଙ୍କ କଥା ଶୁଣିବା, ଯଥାର୍ଥ ଦାବିର ସମାଧାନ ଖୋଜିବା ଏବଂ ଆଇନ ଭାଙ୍ଗିଲେ ଆଇନ ଅନୁସାରେ ପଦକ୍ଷେପ ନେବା। କୌଣସି ବେସରକାରୀ ସଂଘର ବ୍ୟବସାୟିକ ବିବାଦରେ ସରକାର ନିଜ ସମ୍ପତ୍ତି ଧ୍ୱଂସ ହେବାକୁ ଦେଇପାରେ ନାହିଁ। ଜନତାଙ୍କ ସମ୍ପତି ଜନତାଙ୍କର; ତାହାକୁ ସୁରକ୍ଷା କରିବା ରାଜ୍ୟର ଦାୟିତ୍ୱ। ଏହି ଘଟଣା ଆମକୁ ଆଉ ଏକ ବଡ଼ ଶିକ୍ଷା ଦେଉଛି—ଆନ୍ଦୋଳନର ଅର୍ଥ ଅରାଜକତା ନୁହେଁ। ଅଧିକାରର ଅର୍ଥ ଅସୀମ ସ୍ୱାଧୀନତା ନୁହେଁ। ପ୍ରତ୍ୟେକ ଅଧିକାର ସହିତ ଦାୟିତ୍ୱ ଯୋଡ଼ିତ। ନିଜ ଦାବି ପାଇଁ ଆନ୍ଦୋଳନ କରୁଥିବା ବ୍ୟକ୍ତି ଅନ୍ୟ ନାଗରିକଙ୍କ ଜୀବନ, ସୁରକ୍ଷା, ଯାତାୟାତ ଓ ସମ୍ପତ୍ତିକୁ ବିପଦରେ ପକାଇବାର ଅଧିକାର ରଖେନାହିଁ। ଆମ ବସ୍‌ର ଚାଳକ, ପରିଚାଳକ, ଯାତ୍ରୀ ଓ ପଥଚାରୀମାନଙ୍କ ସୁରକ୍ଷା କୌଣସି ଆନ୍ଦୋଳନଠାରୁ ଛୋଟ ନୁହେଁ। ଜଣେ ନିରୀହ ଯାତ୍ରୀଙ୍କ ଜୀବନ ଯଦି ଏପରି ହିଂସାରେ ବିପଦରେ ପଡ଼ ?, ତାହାର ଦାୟିତ୍ୱ କିଏ ନେବ ? ଏହି ପ୍ରଶ୍ନର ଉତର ସମାଜକୁ ଖୋଜିବାକୁ ହେବ। ତେଣୁ ଆଜିର ଆବଶ୍ୟକତା ହେଉଛି କଠୋରତା ସହିତ ନ୍ୟାୟ, ଏବଂ ନ୍ୟାୟ ସହିତ ସଂଯମ। ହିଂସାକାରୀଙ୍କ ବିରୋଧରେ ଆଇନ ଅନୁସାରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ହେଉ; ନଷ୍ଟ ହୋଇଥିବା ସରକାରୀ ସମ୍ପତିର କ୍ଷତିର ମୂଲ୍ୟାୟନ ହେଉ; ଘଟଣାର ସମ୍ପୂର୍ଣ୍ଣ ଚିତ୍ର ପାଇଁ ଉପଲବ୍ଧ ପ୍ରମାଣ, ଦୃଶ୍ୟ ରେକର୍ଡ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନକୁ ଆଧାର କରାଯାଉ; ଏବଂ ନିର୍ଦ୍ଦୋଷ ଲୋକଙ୍କୁ ହଇରାଣ ନକରାଯାଉ। ସେହି ସମୟରେ ଆନ୍ଦୋଳନକାରୀଙ୍କ ଯଥାର୍ଥ ଅଭିଯୋଗ ଥିଲେ ତାହାକୁ ଆଲୋଚନାର ଟେବୁଲକୁ ଆଣାଯାଉ। ଗଣତନ୍ତ୍ରରେ ସଂଳାପର ଦ୍ୱାର କେବେ ବନ୍ଦ ହେବା ଉଚିତ ନୁହେଁ; କିନ୍ତୁ ସଂଳାପର ଦ୍ୱାର ଖୋଲା ରଖିବାର ଅର୍ଥ ଆଇନ ଭାଙ୍ଗିବାକୁ ଛାଡ଼ ଦେବା ନୁହେଁ। ଆଜି ସମାଜକୁ ଏକ ସ୍ପଷ୍ଟ ସନ୍ଦେଶ ଦେବାର ସମୟ—ଆନ୍ଦୋଳନକୁ ସମ୍ମାନ, ଦାବିକୁ ଶୁଣାଣି, କିନ୍ତୁ ହିଂସାକୁ ଶୂନ୍ୟ ସହନଶୀଳତା। ରାଜ୍ୟର ରାସ୍ତା କାହାର ବ୍ୟକ୍ତିଗତ ସମ୍ପତି ନୁହେଁ; ସରକାରୀ ବସ୍ କାହାର ବ୍ୟକ୍ତିଗତ ଶତ୍ରୁ ନୁହେଁ; ପୁଲିସ ଯାନ ଭାଙ୍ଗିବା କୌଣସି ଦାବିକୁ ନ୍ୟାୟସଙ୍ଗତ କରେନାହିଁ। ଆଇନ ହାତକୁ ନେଲେ ଗଣତନ୍ତ୍ର ଶକ୍ତିଶାଳୀ ହୁଏନାହିଁ, ବରଂ ଦୁର୍ବଳ ହୁଏ। ଓଡ଼ିଶାର ରାଜଧାନୀରେ ଏପରି ଘଟଣା ପୁନରାବୃତି ନହେବା ପାଇଁ ପ୍ରଶାସନ, ପୁଲିସ, ପରିବହନ ସଂସ୍ଥା ଓ ସମ୍ପୃକ୍ତ ସଂଘ—ସମସ୍ତଙ୍କୁ ଦାୟିତ୍ୱଶୀଳ ହେବାକୁ ପଡ଼ିବ। ଦାବି ରହୁ, ପ୍ରତିବାଦ ରହୁ, ଆନ୍ଦୋଳନ ରହୁ—କିନ୍ତୁ ଓଡ଼ିଶାର ରାସ୍ତାରେ ହିଂସା ନୁହେଁ। ଜନସମ୍ପତି ଧ୍ୱଂସ ନୁହେଁ। ଆଇନକୁ ଅବମାନନା ନୁହେଁ। ଗଣତନ୍ତ୍ରର ସୌନ୍ଦର୍ଯ୍ୟ ହେଉଛି ମତଭେଦ ମଧ୍ୟରେ ମଧ୍ୟ ଶାନ୍ତିପୂର୍ଣ୍ଣ ସଂଳାପ। ଏହି ସୀମା ଅତିକ୍ରମ କଲେ ଦାବି ଯେତେ ଯଥାର୍ଥ ହେଉ, ହିଂସା ତାହାର ନୈତିକ ଭିତିକୁ ଧ୍ୱଂସ କରିଦିଏ। ତେଣୁ ମାଷ୍ଟର କ୍ୟାଣ୍ଟିନ ଘଟଣାରୁ ଏକ ଦୃଢ଼ ସନ୍ଦେଶ ବାହାରିବା ଦରକାର—ଆଇନ ମାନି ଆନ୍ଦୋଳନ କରନ୍ତୁ, ଆଇନ ଭାଙ୍ଗି ଆନ୍ଦୋଳନର ନାମ ଖରାପ କରନ୍ତୁ ନାହିଁ। ଗଣତନ୍ତ୍ରରେ ଅଧିକାର ଅଛି, କିନ୍ତୁ ହିଂସାର ଅଧିକାର କାହାରି ନାହିଁ। ଲୋକତନ୍ତ୍ରରେ ନିଜ ଦାବି ଉଠାଇବା ପ୍ରତ୍ୟେକ ନାଗରିକଙ୍କ ଅଧିକାର, କିନ୍ତୁ ଦାବି ପୂରଣ ପାଇଁ ରାସ୍ତାରେ ହିଂସା, ଭଙ୍ଗାରୁଜା, ଯାନବାହନର ଟାୟାର ଖୋଲିଦେବା, ସାଧାରଣ ସମ୍ପତି ନଷ୍ଟ କରିବା କିମ୍ବା ଲୋକଙ୍କ ଜୀବନକୁ ବିପଦରେ ପକାଇବା କୌଣସି ପରିସ୍ଥିତିରେ ଗ୍ରହଣୀୟ ହୋଇପାରେ ନାହିଁ। ବିଶେଷକରି ଯଦି ଦାବିଟି ଏକ ବେସରକାରୀ ବ୍ୟବସାୟିକ ସଂସ୍ଥା କିମ୍ବା ସେବା ସହ ଜଡ଼ିତ, ତେବେ ସେହି ଦାବିର ଦାୟିତ୍ୱ ସରକାରଙ୍କ ଉପରେ ଅନ୍ଧାଭାବେ ଚାପିଦେବା ମଧ୍ୟ ଯୁକ୍ତିସଙ୍ଗତ ନୁହେଁ। ସରକାର ନିୟମ ତିଆରି କରିପାରେ, ଆଇନ ପ୍ରୟୋଗ କରିପାରେ, ଆଲୋଚନାର ମଞ୍ଚ ଦେଇପାରେ ଏବଂ ଆଇନଶୃଙ୍ଖଳା ରକ୍ଷା କରିପାରେ; କିନ୍ତୁ ପ୍ରତ୍ୟେକ ବେସରକାରୀ ବ୍ୟବସାୟିକ ବିବାଦରେ ସରକାର ନିଜେ ପକ୍ଷ ନେଇ ଦାବି ପୂରଣ କରିବ—ଏପରି ଧାରଣା ଲୋକତାନ୍ତ୍ରିକ ଶାସନର ସ୍ୱାଭାବିକ ପରିଧି ନୁହେଁ। ଆଉ ଅଧିକ ଚିନ୍ତାଜନକ କଥା ହେଉଛି, ଆନ୍ଦୋଳନର ନାମରେ ଯଦି କୌଣସି ଯାନବାହନର ଟାୟାରର ହାୱା ଖୋଲିଦିଆଯାଏ, ଯାନ ଅଚଳ କରାଯାଏ କିମ୍ବା ଚାଳକ ଓ ଯାତ୍ରୀଙ୍କୁ ବିପଦରେ ପକାଯାଏ, ତେବେ ଏହା କେବଳ ଏକ ପ୍ରତିବାଦ ନୁହେଁ; ଏହା ସିଧାସଳଖ ଭାବରେ ଲୋକସୁରକ୍ଷାର ପ୍ରଶ୍ନ ହୋଇଯାଏ।

## ଭୋଟର ତାଲିକା ପର୍ଯ୍ୟବେକ୍ଷକ ମହମ୍ମଦ ସାଦିକ ଆଲାମଙ୍କ ଦ୍ୱାରା ମାଲକାନଗିରିରେ ସୁପର ଚେକିଂ ଓ ଜିଲ୍ଲାସ୍ତରୀୟ ସମୀକ୍ଷା

ମାଲକାନଗିରି : ମାଲକାନଗିରି ଜିଲ୍ଲାରେ ଚାଲିଥିବା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ସୁପର ଚେକିଂ ଏବଂ କ୍ଷେତ୍ରସ୍ତରୀୟ ଯାଞ୍ଚ କରିଛନ୍ତି ଭୋଟର ତାଲିକା ପର୍ଯ୍ୟବେକ୍ଷକ ତଥା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ମହମ୍ମଦ ସାଦିକ ଆଲାମ। ସେ ନିଜେ ସୁପର ଚେକିଂ ଅଧୀନରେ ଦାବି ଓ ଆପତି ଗ୍ରହଣ ସମୟରେ ଆସିଥିବା ଆବେଦନଗୁଡ଼ିକର କ୍ଷେତ୍ରସ୍ତରୀୟ ଅଗ୍ରଗତି ଏବଂ ସମ୍ପୃକ୍ତ ମାମଲା ରେକର୍ଡଗୁଡ଼ିକର ପ୍ରତ୍ୟକ୍ଷ ଯାଞ୍ଚ କରିଥିଲେ। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଭୋଟର ତାଲିକା ସଂଶୋଧନର ପ୍ରତ୍ୟେକ ଦିଗକୁ ସାଦିକ ଆଲାମ ଅତି ଗୁରୁତ୍ୱର ସହ ଅନୁଧ୍ୟାନ କରିଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଏବଂ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଉପସ୍ଥିତ ରହି ଜିଲ୍ଲାର ନିର୍ବାଚନ ମଣ୍ଡଳୀଗୁଡ଼ିକରେ ଚାଲିଥିବା ଫର୍ମ ପ୍ରକ୍ରିୟାକରଣ ସମ୍ପର୍କିତ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ସମୀକ୍ଷା ଅବସରରେ ଭୋଟର ତାଲିକା ପର୍ଯ୍ୟବେକ୍ଷକ ସାଦିକ ଆଲାମ କହିଛନ୍ତି, ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଏକ ନିର୍ଭୁଲ, ସ୍ୱଚ୍ଛ ଓ ସର୍ବବ୍ୟାପୀ ଭୋଟର ତାଲିକା ପ୍ରସ୍ତୁତି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କୌଣସି ଯୋଗ୍ୟ ନାଗରିକ, ବିଶେଷ କରି ନୂତନ ଯୁବ ଭୋଟର ଯେପରି ନାମ ପଞ୍ଜୀକରଣରୁ ବଂଚିତ ନହୁଅନ୍ତି ଏବଂ ସମସ୍ତ ଦାବି ଓ ଆପତିର ସଠିକ୍ ଆଇନଗତ ନିଷ୍ପତି ହୁଏ, ସେଥିପ୍ରତି ପ୍ରଶାସନିକ ସ୍ୱଚ୍ଛତା ଓ ଗୁରୁତ୍ୱର ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଗସ୍ତ କାଳରେ ସାଦିକ ଆଲାମ ଜିଲ୍ଲାର ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ବୈଠକ କରି ଭୋଟର ତାଲିକାର ସ୍ୱଚ୍ଛତା ସମ୍ପର୍କରେ ମତାମତ ଗ୍ରହଣ କରିଥିଲେ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003







# କୋଲାବିରାରେ ଆନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ




ଝାରସୁଗୁଡ଼ା,୧୦/୯(ନି/ପ୍ର): କୋଲାବିରା ଠାରେ ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶ ସାହୁଙ୍କ ନିର୍ଦ୍ଦେଶନାରେ ଆନ୍ତର୍ଜାତୀୟ ସାକ୍ଷରତା ଦିବସ ଉତ୍ସାହ ଓ ଉଦ୍ଦିପନାର ସହ ପାଳିତ ହୋଇଛି। ସମାଜରେ ଶିକ୍ଷା, ସାକ୍ଷରତା ଓ ଜୀବନବ୍ୟାପୀ ଶିକ୍ଷଣର ଗୁରୁତ୍ୱ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ କୋଲାବିରା ପି.ଏସ୍. ଉଚ୍ଚ ବିଦ୍ୟାଳୟ ଠାରୁ ଏକ ବିଶାଳ ସଚେତନତା ରାଲି ବାହାରିଥିଲା। ରାଲିଟି କୋଲାବିରା ବ୍ଲକ ମୁଖ୍ୟାଳୟ ଅଂଚଳର ବିଭିନ୍ନ ଗ୍ରାମ ଓ ପଡ଼ା ପରିକ୍ରମା କରିଥିଲା। ଏଥିରେ ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ ସକ୍ରିୟ ଭାବେ ଯୋଗ ଦେଇଥିଲେ। ରାଲି ସମୟରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଶିକ୍ଷାର ଗୁରୁତ୍ୱ, ସାକ୍ଷରତାର ଆବଶ୍ୟକତା, ନିରକ୍ଷରତା ଦୂରୀକରଣ ଏବଂ ଜୀବନବ୍ୟାପୀ ଶିକ୍ଷଣ ସମ୍ପର୍କରେ ବିଭିନ୍ନ ସଚେତନତାମୂଳକ ବାର୍ତା ଓ ସ୍ଲୋଗାନ ଦେଇଥିଲେ। ଏହାସହିତ ନବଶିକ୍ଷାର୍ଥୀମାନଙ୍କ ଘରକୁ ଘର ଯାଇ ସାକ୍ଷରତା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ନବଶିକ୍ଷାର୍ଥୀମାନଙ୍କ ସହ ସିଧାସଳଖ ଆଲୋଚନା କରି ଶିକ୍ଷାର ଗୁରୁତ୍ୱ, ସାକ୍ଷରତା ହାସଲର ଉପକାରିତା ଏବଂ ଦୈନନ୍ଦିନ ଜୀବନରେ ଶିକ୍ଷାର ପ୍ରୟୋଗ ସମ୍ପର୍କରେ ବୁଝାଇ ଦିଆଯାଇଥିଲା। ଘରକୁ ଘର ସଚେତନତା କାର୍ଯ୍ୟକ୍ରମ ସମୟରେ ନବଶିକ୍ଷାର୍ଥୀମାନଙ୍କୁ 'ଉଲ୍ଲାସ' ଯୋଜନାର ପାଠ୍ୟପୁସ୍ତକ ବଂଟନ କରାଯାଇଥିଲା। ପୁସ୍ତକର ସଠିକ୍ ବ୍ୟବହାର, ନିୟମିତ ଅଭ୍ୟାସ ଓ ନିରନ୍ତର ଶିକ୍ଷଣ ମାଧ୍ୟମରେ ଜ୍ଞାନ ଓ ଦକ୍ଷତା ବୃଦ୍ଧି କରିବା ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ କୋଲାବିରା ବ୍ଲକ ଶିକ୍ଷା ସମ୍ପ୍ରସାରଣ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସମସ୍ତ ସିଆରସିସି, 'ଉଲ୍ଲାସ' ମୁଖ୍ୟ ଦଳର ସଦସ୍ୟବୃନ୍ଦ ଏବଂ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସକ୍ରିୟ ଯୋଗଦାନ କରିଥିଲେ। ଜାତୀୟ ସାକ୍ଷରତା ମିଶନ କାର୍ଯ୍ୟକ୍ରମ–'ଉଲ୍ଲାସ' ଅଧିନରେ ନବଶିକ୍ଷାର୍ଥୀମାନଙ୍କୁ ଶିକ୍ଷାର ମୁଖ୍ୟଧାରା ସହ ଯୋଡ଼ିବା, ସାକ୍ଷରତା ହାର ବୃଦ୍ଧି କରିବା ଓ ଜୀବନବ୍ୟାପୀ ଶିକ୍ଷଣକୁ ପ୍ରୋତ୍ସାହନ ଦେବା ଦିଗରେ ସମସ୍ତ ଅଧିକାରୀ, ଶିକ୍ଷକ, ସିଆରସିସି ଓ 'ଉଲ୍ଲାସ' ମୁଖ୍ୟ ଦଳର ସଦସ୍ୟମାନେ ମିଳିତ ଭାବେ କାର୍ଯ୍ୟ କରିବାକୁ ସଙ୍କଳ୍ପ ନେଇଥିଲେ। ସଚେତନତା ରାଲି, ନବଶିକ୍ଷାର୍ଥୀଙ୍କ ଘରକୁ ଘର ଗସ୍ତ ଏବଂ ପାଠ୍ୟପୁସ୍ତକ ବଂଟନ ମାଧ୍ୟମରେ ସମାଜରେ ଶିକ୍ଷା ଓ ସାକ୍ଷରତାର ଗୁରୁତ୍ୱ ସମ୍ପର୍କରେ ସକାରାତ୍ମକ ବାର୍ତା ପହଂଚା ଯାଇଥିଲା। ସମସ୍ତଙ୍କ ପାଇଁ ଶିକ୍ଷା ଓ ସାକ୍ଷରତାର ବାର୍ତାକୁ ସମାଜର ପ୍ରତ୍ୟେକ ସ୍ତରରେ ପହଂଚାଇ ଏକ ସାକ୍ଷର, ସଚେତନ ଓ ସଶକ୍ତ ସମାଜ ଗଠନ ଦିଗରେ ଏହି କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥିଲା।

# ସରକାରୀ ମହିଳା ମହାବିଦ୍ୟାଳୟରେ ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ



ସମ୍ବଲପୁର,୧୦/୯(ନି/ପ୍ର): ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୫ତମ ଜୟନ୍ତୀ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ସାହିତ୍ୟ ସଂସଦ ପକ୍ଷରୁ ପାଳିତ ହୋଇ ଯାଇଛି । ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଆଲୋଚକ ଭାବରେ ଗଙ୍ଗାଧର ସାହିତ୍ୟର ବିଦଗ୍ଧ ପ୍ରଚାରକ ତଥା କବି ସୁରେଶ ପ୍ରଧାନ ଯୋଗଦାନ କରିଥିଲେ। ଅଧ୍ୟକ୍ଷା ପ୍ରଫେସର ମେହେର ସ୍ୱାଗତ ସମ୍ଭାଷଣ ପ୍ରଦାନ କରି ଗଂଗାଧର କବି ପ୍ରତିଭାର ଜାତୀୟ ସ୍ତରରେ ଉଚିତ୍ ମୂଲ୍ୟାୟନ ଆବଶ୍ୟକ ବୋଲି ମତପୋଷଣ କରିଥିଲେ । ମୁଖ୍ୟ ଆଲୋଚକ ଶ୍ରୀ ପ୍ରଧାନ ଗଙ୍ଗାଧର କାବ୍ୟଧାରାର ବହୁମୁଖୀ ଦିଗ ଉପରେ ଆଲୋଚନା କରିଥିଲେ । ଗଙ୍ଗାଧର ମେହେରଙ୍କ କାବ୍ୟ କବିତା ପାଠକଙ୍କ ମଧ୍ୟରେ ଦେଶପ୍ରେମ, ମାନବିକ ମୂଲ୍ୟବୋଧ, ସହୃଦୟତା ଆଦି ସଦ୍‌ଗୁଣ ଭରି ଦେବାରେ ସମର୍ଥ ବୋଲି ଆଲୋଚକ ମତ ପ୍ରଦାନ କରିଥିଲେ । ସାହିତ୍ୟ ସଂସଦର ଉପସଭାପତି ପ୍ରଫେସର ଅଖିଳ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଫେସର ରାଜକିରଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଜୟନ୍ତୀ ପାଳନ ଅବସରରେ କବି ଗଙ୍ଗାଧରଙ୍କୁ ଆଧାର କରି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଫେସର ରମେଶ ଚନ୍ଦ୍ର ମିର୍ଦ୍ଧା ପୁରସ୍କାର ବିତରଣ ଉତ୍ସବରେ ପରିଚାଳନା କରିଥିଲେ। ଛାତ୍ରୀମାନେ ଗଙ୍ଗାଧର ସଂଗୀତ ପରିବେଷଣ କରିଥିଲେ। ପ୍ରାଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଉତ୍ସବ ପରିଚାଳନାରେ ପ୍ରଫେସର ଭୋଜରାଜ ରୋହିଦାସ, ପ୍ରଜ୍ଞାପିତା ଦାସ, ଆର୍ତତ୍ରାଣ ସୁନା, ରବୀନ୍ଦ୍ର ପାଣିଗ୍ରାହୀ, ସୁଶାନ୍ତ କୁମାର ପଣ୍ଡା, ପ୍ରଶାନ୍ତ ପ୍ରଧାନ, ସଂଜୟ ପ୍ରସାଦ ପଟ୍ଟନାୟକ, ସୁରେଖା ଛତ୍ରିଆ, ରଂଜିତା ମାଝୀ ପ୍ରମୁଖ ସହାୟତା କରିଥିଲେ । ଏହି ଅବସରରେ ଛାତ୍ରୀମାନେ ଗଙ୍ଗାଧର ସଙ୍ଗୀତ ପରିବେଷଣ କରିଥିଲେ। ଏଥିରେ ବିଶିଷ୍ଟ ସମାଜସେବୀ ଓ ସାହିତ୍ୟିକ ମୁକ୍ତକଣ୍ଠ ପ୍ରଧାନ ଓ ସମ୍ବଲପୁର ବିଇଡି କଲେଜର ପ୍ରାକ୍ତନ ଅଧ୍ୟକ୍ଷା ନିରୂପମା ବଡ଼ପଣ୍ଡା ଉପସ୍ଥିତ ଥିଲେ।

# ବେଲପାହାଡ଼ ରେଳଷ୍ଟେସନ ନିକଟରୁ ୪.୦୧୯ କେଜି ଗଞ୍ଜେଇ ଜବତ

## ନିଶାମୁକ୍ତ ଓଡ଼ିଶା ଅଭିଯାନରେ ଝାରସୁଗୁଡ଼ା ପୁଲିସର ସଫଳତା

ଝାରସୁଗୁଡ଼ା,୧୦/୯(ନି/ପ୍ର): ନିଶାମୁକ୍ତ ଓଡ଼ିଶା ଅଭିଯାନକୁ ଆହୁରି ଜୋରଦାର କରି ଝାରସୁଗୁଡ଼ା ପୁଲିସ ଗଞ୍ଜେଇ ଚୋରାଚାଲାଣ ବିରୋଧରେ ଆଉ ଏକ ସଫଳତା ହାସଲ କରିଛି। ବେଲପାହାଡ଼ ଥାନା ଅଂଚଳରୁ ୪.୦୧୯ କେଜି ଗଞ୍ଜେଇ ଜବତ କରାଯିବା ସହ ଜଣେ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଏକ ବିଶ୍ୱସନୀୟ ସୂଚନା ଆଧାରରେ ବେଲପାହାଡ଼ ଥାନାର ଏସ୍‌ଆଇ ଚିତରଞ୍ଜନ ମହାନନ୍ଦିଆଙ୍କ ନେତୃତ୍ୱରେ ପୁଲିସ ଟିମ୍ ବେଲପାହାଡ଼ ରେଳଷ୍ଟେସନ ନିକଟରେ ଚଢ଼ଉ କରିଥିଲା। ସେଠାରେ ଗଞ୍ଜେଇ ବିକ୍ରି ଉଦ୍ଦେଶ୍ୟରେ ନିଜ ହେପାଜତରେ ରଖିଥିବା ଅଭିଯୋଗରେ ନରେଶ ଯାଦବ(୫୧)ଙ୍କୁ କାବୁ କରାଯାଇଥିଲା। ଗିରଫ ଅଭିଯୁକ୍ତ ନରେଶ ଯାଦବ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ଗୁଆଲାପଡ଼ା ଅଂଚଳର ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଚଢ଼ଉ ସମୟରେ ତାଙ୍କ ନିକଟରୁ ୪.୦୧୯ କେଜି ଗଞ୍ଜେଇ, ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୪୦ ହଜାର ଟଙ୍କା, ଗୋଟିଏ ଗିଭା କିପ୍ୟାଡ୍ ମୋବାଇଲ ଫୋନ୍ ଏବଂ ୨୦୦ ଟଙ୍କା ନଗଦ ଜବତ କରାଯାଇଛି। ଏହି ଘଟଣାକୁ ନେଇ ବେଲପାହାଡ଼ ଥାନା କେସ୍ ନମ୍ବର ୧୭୬, ତାରିଖ ୦୭/୦୯/୨୦୨୬, ଏନ୍‌ଡିପିଏସ୍ ଆଇନ, ୧୯୮୫ର ଧାରା ୨୦(ବି)(ସସ)(ବି) ଅନୁଯାୟୀ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟକୁ ପଠାଇ ଦିଆଯାଇଛି। ଗଞ୍ଜେଇର ଉତ୍ସ ଏବଂ ଏହା ସହ ଜଡ଼ିତ ଚୋରାଚାଲାଣ ନେଟୱର୍କ ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି।

# ଜିଲ୍ଲା ସିନିୟର ନକ୍ ଆଉଟ ଫୁଟବଲ ଟୁର୍ଣ୍ଣାମେଂଟ ସେମିଫାଇନାଲରେ ନକଟାସର

ବଲାଙ୍ଗୀର,୧୦/୯(ନି/ପ୍ର): ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଗାନ୍ଧୀ ଷ୍ଟାଡିୟମ ଠାରେ ପ୍ରଥମ କ୍ୱାଟର ଫାଇନାଲ ଖେଳ ହୋଇଯାଇଛି। ଜିଓ୍ୱାଇଡିସି ନକଟାସର ୫-୧ ଗୋଲରେ ରାଇଜିଂ ଷ୍ଟାର ଟିଟିଲାଗଡ଼କୁ ହରାଇ ପ୍ରଥମ ଦଳ ଭାବେ ସେମିଫାଇନାଲକୁ ପ୍ରବେଶ କରିଛି। ନକଟାସର ତରଫରୁ ଶଙ୍କର ଭୁଏ ୩ଟି ଓ ବିକାଶ ଧରୁଆ ୨ଟି ଗୋଲ ଦେଇଥିବାବେଳେ ଟିଟିଲାଗଡ଼ ତରଫରୁ ଅଜୟ ସରାଫ ଗୋଟିଏ ଗୋଲ ସ୍କୋର କରିଥିଲେ। ଓଡ଼ିଶା ଫୁଟବଲ ଏସୋସିଏସନ ତଥା ଜିଲ୍ଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ କ୍ରୀଡ଼ା ସଂସଦର ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସଂପାଦକ ଶତ୍ରୁଘନ ସିଂ, କ୍ରୀଡ଼ା ସଂପାଦକ ବିଭୂତି ଭୂଷଣ ପଣ୍ଡା, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର, ଶିଶିର କୁମାର ବହିଦାର ଓ ଡା. ସିଦ୍ଧେଶ୍ୱର ମିଶ୍ର ଯୋଗ ଦେଇଥିଲେ। ଜିଲ୍ଲା କ୍ରୀଡ଼ାଧିକାରୀ ପରାଶର ବାଗ ଓ ଶ୍ରୀକାନ୍ତ ରାଉତ ମଂଚାସିନ ଥିଲେ। କ୍ରୀଡ଼ା ସଂସଦର ସାଧାରଣ ସଂପାଦକ ହରିନାରାୟଣ ପୁଜାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ କୋଷାଧ୍ୟକ୍ଷ ତଥା ଟୁର୍ଣ୍ଣାମେଂଟ କମିଟି ଅଧ୍ୟକ୍ଷ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇ ଥିଲେ। ଖେଳକୁ ସଂଜିବ ମହାରଣା, ଉମେଶ ଭୋଇ, ସୁଶାନ୍ତ ନାଗ, ଜ୍ୟୋତି ରଂଜନ ମହାନନ୍ଦ ଓ ଜିତୁ ଦଲାଇ ପରିଚାଳନା କରିଥିଲେ। ବୁଧବାର ଆର୍.ଏନ୍. ସିଂଦେଓ ସ୍ପୋର୍ଟ କମ୍ପ୍ଲେସ ଠାରେ ସ୍ପୋର୍ଟ ହଷ୍ଟେଲ ବନାମ ରିଜର୍ଭ ପୋଲିସ ଏବଂ ଗାନ୍ଧୀ ଷ୍ଟାଡିୟମ ଠାରେ ବିକେସି ୟୁନାଇଟେଡ୍ ବନାମ ଜରାସିଂହା ମଧ୍ୟରେ ଖେଳ ହେବ ବୋଲି ସଂସଦ ପକ୍ଷରୁ ସୂଚନା ଦିଆଯାଇଛି।

# କୁମୁଲି ଡିଏନକେରେ ଦୁଇଦିନିଆ ଅନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଂଟ




ରାଇଘର,୧୦/୯(ନି/ପ୍ର): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କୁମୁଲି ପଚାଂୟତର କୁମୁଲି ଡିଏନକେ ଖେଳ ପଡ଼ିଆରେ ଦୁଇଦିନିଆ ଅନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଂଟ ଶୁଭାରମ୍ଭ ହୋଇଛି। ଏହି ଟୁର୍ଣ୍ଣାମେଂଟରେ ଓଡ଼ିଶା ସମେତ ବିଭିନ୍ନ ଅଚଂଳରୁ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ଟୁର୍ଣ୍ଣାମେଂଟର ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଇଘର ଥାନା ଅଧିକାରୀ ଟିକେଚନ୍ଦ ବାହୁବଳୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧିକାରୀ ରିତୁ ସିଂ, ବିଜେପି ନବରଙ୍ଗପୁର ମହିଳା ସମ୍ପାଦକ ପ୍ରୀତିସିଗ୍ଧା ମହାପାତ୍ର, ବିଜେଡି ବ୍ଲକ ଚେୟାରମ୍ୟାନ ଗୁପ୍ତାପ୍ରସାଦ ଝଙ୍କାର ଏବଂ କୁମୁଲି ପଲ୍ଲୀମଙ୍ଗଳ ସଭାପତି ଶ୍ରୀ ସୁଧୀର ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ଈରଉ କୁଟିଣ୍ଡା, ଯୋଗେଶ-୧୧ ସୁନାବେଡ଼ା, ଉଣଇ ଚିତ୍ରକୋଟ, ଗୁମ୍ପା ମାଲକାନଗିରି, ବ୍ୟାନର ରଉ କଳାହାଣ୍ଡି, ସ୍ପୋର୍ଟ୍ସ ହଷ୍ଟେଲ ଫୁଲବାଣୀ, ରଙ୍ଗବାଜ ଜଗଦଲପୁର ଏବଂ ମା' ତାରା କୋଲକାତା ଦଳ ଅଂଶଗ୍ରହଣ କରିଛନ୍ତି। ଦୁଇଦିନ ଧରି ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଂଟକୁ ନେଇ କୁମୁଲି ଅଚଂଳରେ ଫୁଟବଲପ୍ରେମୀଙ୍କ ମଧ୍ୟରେ ବେଶ ଉତ୍ସାହ ଓ ଉଦ୍ଦୀପନା ପ୍ରକାଶ ପାଇଛି। ବିଭିନ୍ନ ଅଚଂଳରୁ ଆସିଥିବା ଦଳଗୁଡ଼ିକ ମଧ୍ୟରେ ରୋମାଂଚକର ମ୍ୟାଚ୍ ଦେଖିବାକୁ ଖେଳପଡ଼ିଆରେ ଦର୍ଶକଙ୍କ ଭିଡ଼ ଜମିଛି। ସ୍ଥାନୀୟ ଯୁବକ ଓ ଆୟୋଜକମାନଙ୍କ ଉଦ୍ୟମରେ ଏହି ଅନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଂଟ ଆୟୋଜିତ ହୋଇଛି।

# ମାଳତୀ ଗୁଣ୍ଡେରପୁର ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ



ସମ୍ବଲପୁର,୧୦/୯(ନି/ପ୍ର): ମାନେଶ୍ୱର ବ୍ଲକ ମାଳତୀ ଗୁଣ୍ଡେରପୁର ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ପୁଝାରୀଙ୍କ ସଭାପତିତ୍ୱରେ ସଂସ୍କୃତ ଦିବସ ମହାସମାରୋହରେ ପାଳନ କରାଯାଇଥିଲା। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚିତରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି , ବିଶିଷ୍ଟ ଲୋକପ୍ରିୟ ସମାଜସେବୀ କମଳ ଲୋଚନ ପଣ୍ଡା ସମ୍ମାନୀତ ଅତିଥି ଏବଂ ମହୁଲପାଲୀ ଉନ୍ନିତ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ମିଳନ କୁମାର ହୋତା ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ।ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଅମିତଲାଲ ବେହେରାଙ୍କ ନେତୃତ୍ୱରେ ସଭା ଆରମ୍ଭ କରାଯାଇଥିଲା। ମୁଖ୍ୟ ଅତିଥି ଛାତ୍ରଛାତ୍ରୀ ମାନଙ୍କୁ ସଂସ୍କୃତ ଦିବସ ତଥା ସଂସ୍କୃତ ପ୍ରତି ନିଜ ନିଜର ଯୋଗଦାନ ବିଷୟରେ ବୁଝାଇଥିଲେ। କମଳ ଲୋଚନ ପଣ୍ଡା କିପରି ଭାବରେ ଛାତ୍ରଛାତ୍ରୀମାନେ ନିଜ ନିଜର ଦୈନନ୍ଦିନ ଜୀବନରେ ସରଳ ସଂସ୍କୃତକୁ ଉପଯୋଗ କରିବେ ଓ ସଂସ୍କୃତ ଶ୍ଳୋକ ଉଚ୍ଚାରଣ ତଥା ମନ୍ତ୍ରପାଠ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଶ୍ଳୋକ ଉଚ୍ଚାରଣ ଓ ସଂସ୍କୃତ ସଙ୍ଗୀତ ଗାନ କରାଯାଇଥିଲା। ଅତିଥି ମାନଙ୍କ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଭାଗ ନେବା ସହ ସଭା ଶେଷରେ ଗଣିତ ଶିକ୍ଷୟିତ୍ରୀ ଶ୍ୱେତାଙ୍ଗିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଝାରସୁଗୁଡ଼ାକୁ ଗୋଲ୍‌ଶୂନ୍ୟ କରି ସେମିରେ କୁଚିଣ୍ଡା

ଝାରସୁଗୁଡ଼ା,୧୦/୯(ନି/ପ୍ର): କୋଲାବିରା ବ୍ଲକ ଅନ୍ତର୍ଗତ କୁଲିହାମାଲ ମିନି ଷ୍ଟାଡିୟମରେ ନୂଆଁଖାଇ ଉପଲକ୍ଷେ ଚାଲିଥିବା ବହୁ ପ୍ରସିଦ୍ଧ ଜ୍ୟୋତି ଏକାଦଶ ଫୁଟବଲ୍ ଟୁର୍ଣ୍ଣାମେଂଟର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ବିଏଫ୍‌ସି କୁଚିଣ୍ଡା ଦଳ ଚମତ୍କାର ବିଜୟ ହାସଲ କରିଛି। ଦଳ ୨-୦ ଗୋଲ୍‌ରେ ଜୟ ଯବାନ କ୍ଲବ, ଝାରସୁଗୁଡ଼ାକୁ ପରାସ୍ତ କରି ଟୁର୍ଣ୍ଣାମେଂଟର ୪ର୍ଥ ଦଳ ଭାବେ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ମ୍ୟାଚ୍‌ଟିକୁ ରେଫରି ରାଜେଶ ଭଇଁସା, ଅଗସ୍ତି ହାତୀପଟା, ବବୁଲୁ ଲୁହାର ଓ ରାଜକୁମାର ମଣ୍ଡଳ ପରିଚାଳନା କରିଥିଲେ। ଶ୍ରୀକାନ୍ତ କଉଡ଼ି ଓ ଅମିୟ ପଟେଲ ଧାରାବିବରଣୀ ପ୍ରଦାନ କରିଥିଲେ। ମ୍ୟାଚ୍‌ରେ ଜିଲ୍ଲା ରେଫରୀ ସଂଘର ସଭାପତି ଜଗନ୍ନାଥ ରାଓ ଓ ଫୁଟବଲ୍ ସଂଘର ପୂର୍ବତନ ସମ୍ପାଦକ ମୁନ୍ନା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଟୁର୍ଣ୍ଣାମେଂଟର ସୁଚାରୁ ଆୟୋଜନରେ ଜ୍ୟୋତି ଏକାଦଶ କ୍ଲବର ଲିପୁନ ନାଏକ, ଅନିଲ କିସାନ, କ୍ଷୀରୋଦ ଜଗତ, ମାନସ ନାଏକ, ଛବିଲ ନାଏକଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବିନା ସୂଚନା ଫଳକରେ ରାସ୍ତା ନିର୍ମାଣ !

## ନିମ୍ନମାନର କାମ ନେଇ ଉଠିଲା ପ୍ରଶ୍ନ, ତଦନ୍ତ ଦାବି



ରାଇଘର,୧୦/୯(ନି/ପ୍ର): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ମୁଣ୍ଡେବେଡ଼ା ପଚାଂୟତ ଅଧୀନସ୍ଥଥିବା ଖୀହିଡିଙ୍ଗିମାଲ ଛକଠାରୁ କୁଡୁମୁଦାରା ହାଜିବା ମରମ ରାସ୍ତାରେ ଚାଲିଥିବା ନିର୍ମାଣ କାମକୁ ନେଇ ଅଭିଯୋଗ ଉଠିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତା ନିର୍ମାଣରେ ଆବଶ୍ୟକ ମାନଦଣ୍ଡ ପାଳନ କରାଯାଉନଥିବାରୁ କାମର ମାନକୁ ନେଇ ପ୍ରଶ୍ନ ଉଠିଛି। ଏଥିସହିତ ନିର୍ମାଣସ୍ଥଳରେ ସୂଚନା ଫଳକ ଲଗାଯାଇନଥିବା ଅଭିଯୋଗ ମଧ୍ୟ ରହିଛି। ସୂଚନା ଫଳକ ନଥିବାରୁ ରାସ୍ତାଟି କେଉଁ ବିଭାଗ ଦ୍ୱାରା ନିର୍ମାଣ ହେଉଛି, କାମର ଅନୁମୋଦିତ ମୂଲ୍ୟ କେତେ, ରାସ୍ତାର ଲମ୍ବ ଓ ପ୍ରସ୍ଥ କେତେ ଏବଂ କାମ ଶେଷ ହେବାର ସମୟସୀମା କ'ଣ—ସେନେଇ ସାଧାରଣ ଲୋକେ ଜାଣିପାରୁନାହାନ୍ତି। ଏପରି ସ୍ଥିତିରେ ସମ୍ପୃକ୍ତ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ରାସ୍ତା ନିର୍ମାଣ କାମର ଗୁଣବତା ଯାଚଂ କରିବା ସହ ଆବଶ୍ୟକ ସୂଚନା ଫଳକ ଲଗାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏଥିସହ କାମରେ ଅନିୟମିତତା ଥିଲେ ତାହାର ତଦନ୍ତ କରି ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଉଚିତ୍ ପଦକ୍ଷେପ ନେବାକୁ ମଧ୍ୟ ଦାବି ହୋଇଛି।

# ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ

ବଲାଙ୍ଗୀର,୧୦/୯(ନି/ପ୍ର): ଶିକ୍ଷା ଓ ସାକ୍ଷରତାର ମହତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର କନଫରେନ୍ସ ହଲ୍‌ରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାକ୍ଷରତାକୁ ସମାଜର ସାମଗ୍ରିକ ବିକାଶର ମୁଖ୍ୟ ଆଧାର ଭାବେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ନୋଡାଲ ଅଧିକାରୀ ରୀନା କୁମାରୀ ବେହେରା ଯୋଗଦେଇ ସାକ୍ଷରତା ଦିବସର ଉଦ୍ଦେଶ୍ୟ ଓ ଏହାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ସାକ୍ଷରତା କେବଳ ପଢ଼ିବା ଓ ଲେଖିବାରେ ସୀମିତ ନୁହେଁ; ଏହା ଜ୍ଞାନ, ସୁଯୋଗ, ସମାନତା ଓ ଉନ୍ନତିର ଦ୍ୱାର ଖୋଲିଥାଏ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା ଓ ସେବାଶ୍ରୀ ଭୋଇ ମଧ୍ୟ ନିଜ ବକ୍ତବ୍ୟ ରଖି ସମାଜର ପ୍ରତ୍ୟେକ ବର୍ଗଙ୍କ ମଧ୍ୟରେ ଶିକ୍ଷା ଓ ସାକ୍ଷରତାର ପ୍ରସାର ପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଓ ପିଏମ୍‌ଶ୍ରୀ ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟର ଛାତ୍ରମାନେ ସଚେତନତା ରାଲିରେ ସାମିଲ ହୋଇ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସାକ୍ଷରତାର ଆବଶ୍ୟକତା, ଶିକ୍ଷାର ମହତ୍ୱ ଓ ସମାଜରେ ଜ୍ଞାନର ପ୍ରସାର ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ପରେ ଆୟୋଜିତ ସଭାରେ ଛାତ୍ରଛାତ୍ରୀ ମାନେ ସାକ୍ଷରତା ଓ ଶିକ୍ଷାର ପ୍ରସାର ପାଇଁ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡା ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ଓ ଶିକ୍ଷକ କୃଷ୍ଣ ଚନ୍ଦ୍ର ଶତପଥୀ ମଂଚାସୀନ ଥିଲେ। ଜିଲ୍ଲାର ୧୪ଟି ବ୍ଲକରୁ 'ଉଲ୍ଲାସ' କାର୍ଯ୍ୟକ୍ରମରେ ଯୋଡି ହୋଇ ଅକ୍ଷର ଜ୍ଞାନ ହାସଲ କରିଥିବା ନବସାକ୍ଷରମାନେ ଏଥିରେ ଯୋଗଦେଇଥିଲେ। ସେମାନେ ଅକ୍ଷର ଜ୍ଞାନ ଶିଖିବା ପୂର୍ବର ଜୀବନ ଓ ଶିକ୍ଷା ହାସଲ କରିବା ପରେ ଆସିଥିବା ପରିବର୍ତନ ସମ୍ପର୍କରେ ନିଜ ଅଭିଜ୍ଞତା ବଖାଣିଥିଲେ। ଅକ୍ଷର ଚିହ୍ନିବା, ନିଜ ନାମ ଲେଖିବା ଓ ଦୈନନ୍ଦିନ ଜୀବନରେ ପଢ଼ାଲେଖାର ଉପଯୋଗ କରିପାରୁଥିବାର ଅନୁଭବ ସେମାନଙ୍କ ମୁହଁରେ ଆତ୍ମସନ୍ତୋଷ ଓ ଆତ୍ମବିଶ୍ୱାସ ଆଣିଥିବା ପ୍ରକାଶ ପାଇଥିଲା।ସେମାନଙ୍କ ଅଭିଜ୍ଞତା ଉପସ୍ଥିତ ଅନ୍ୟମାନଙ୍କୁ ମଧ୍ୟ ଅନୁପ୍ରାଣିତ କରିଥିଲା। ଶିକ୍ଷକ ହେମନ୍ତ ପଧାନ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଶିକ୍ଷକ ଜଗଦୀଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ ବ୍ଲକର ସିଆରସିସି ଓ ନବସାକ୍ଷରମାନେ ଯୋଗ ଦେଇଥିଲେ।

# ଭାବଗ୍ରାହୀ କଳା ନିକେତନର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୧୦/୯(ନି/ପ୍ର): ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ା ତଥା ଓଡ଼ିଶାର ଅନ୍ୟତମ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ବାରୁଅ ସ୍ଥିତ ଭାବଗ୍ରାହୀ କଳା ନିକେତନ ଆନୁକୂଲ୍ୟରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ଜନ୍ମାଷ୍ଟମୀ ଉପଲକ୍ଷେ ବାରୁଅ ସ୍ଥିତ ଶ୍ରୀରାଧାକୃଷ୍ଣ ମନ୍ଦିରରେ ପରିବେଷିତ ମନୋଜ୍ଞ ଆଧ୍ୟାତ୍ମିକ ନୃତ୍ୟ ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡ଼ାଙ୍କ ବଳିଷ୍ଠ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରତ୍ନମଞ୍ଜରୀ ପରିଡ଼ା, ପ୍ରତୀକ୍ଷା ନାୟକ, ଅଙ୍କିତା ପରିଡ଼ା, ଅର୍ପିତା ସାହୁ, ଅଙ୍କିତା ସାହୁ, ଅଭିଲିପ୍ସା ସାହୁ ପ୍ରମୁଖ କଳାକାରମାନେ ଚିତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ପବିତ୍ର ଗୁରୁ ଦିବସ ଉପଲକ୍ଷେ ଭାବଗ୍ରାହୀ କଳା ନିକେତନର ଅକ୍ଷୟ ମହାନ୍ତି କକ୍ଷରେ ଅନୁଷ୍ଠିତ ଗୁରୁ ପୂଜନ ଓ ଗୁରୁ ବନ୍ଦନ କାର୍ଯ୍ୟକ୍ରମରେ ରଶ୍ମିତା ବେହେରା, ଶ୍ରାବଣୀ ନାଥ, ରୂପାଲି ସୂତାର, ଅଙ୍କିତା ପରିଡ଼ା, ରତ୍ନମଞ୍ଜରୀ ପରିଡ଼ା, ପାୟଲ ଦାସ, ହେନାଞ୍ଜଳି ଜେନା ଅଂଶଗ୍ରହଣ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡ଼ା ଏବଂ ସଙ୍ଗୀତ ଗୁରୁ ପ୍ରମୋଦ କୁମାର ଦାସ ଛାତ୍ର ଛାତ୍ରୀଙ୍କୁ ଗୁରୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। ଧୂପ, ଦୀପ, ଫୁଲ, ଚନ୍ଦନ ଓ ନୈବେଦ୍ୟ ଅର୍ପଣ କରି ଗୁରୁମାନଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଆଦର୍ଶ ଶିକ୍ଷକ ନେତା ଅବନି କୁମାର ମହାନ୍ତିଙ୍କ ଅମ୍ଳାନ ସ୍ମୃତିରେ ଅବଧି ମହାନ୍ତି ସ୍ମୃତି ସଂସଦ ଆନୁକୂଲ୍ୟରେ ଜିଲ୍ଲା ସଂସ୍କୃତି ଭବନରେ ଭାବଗ୍ରାହୀ କଳା ନିକେତନର କଳାକାରମାନେ ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡ଼ାଙ୍କ ବଳିଷ୍ଠ ସଂଯୋଜନାରେ ଭକ୍ତି ସଙ୍ଗୀତ ଓ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ପରିବେଷଣ କରିଥିଲେ।




# ବିଶିଷ୍ଟ ମାର୍କସବାଦୀ ଜନନାୟକ ସୀତାରାମ ୟେଚୁରୀ ସ୍ମୃତି ସମାରୋହ ବକ୍ତୃତା ଅନୁଷ୍ଠିତ

## ସନ୍ଧିକ୍ଷଣରେ ଯୁବ ସମାଜ- ଶିକ୍ଷା, ନିଯୁକ୍ତି ଓ ଗଣତନ୍ତ୍ର ଶୀର୍ଷକ ଆଲୋଚନାଚକ୍ର




ରାଉରକେଲା,୧୦/୯(ନି/ପ୍ର): ଦେଶର ବିଶିଷ୍ଟ ମାର୍କସବାଦୀ ଜନନାୟକ, ସୁବକ୍ତା, ପ୍ରବୀଣ ସାଂସଦ ତଥା ସି ପି ଆଇ ଏମ୍ ର ପୂର୍ବତନ ମହାସଚିବ କମ୍ରେଡ୍ ସୀତାରାମ ୟେଚୁରୀ ଙ୍କ ଦ୍ୱିତୀୟ ସ୍ମୃତି ସମାରୋହ ଆଜି ସୀତାରାମ ୟେଚୁରୀ ସ୍ମୃତି ସମାରୋହ କମିଟି ପକ୍ଷରୁ ସ୍ଥାନୀୟ ସିଭିକ୍ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅବସରରେ ସନ୍ଧିକ୍ଷଣରେ ଯୁବ ସମାଜ- ଶିକ୍ଷା, ନିଯୁକ୍ତି ଓ ଗଣତନ୍ତ୍ର ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟବକ୍ତା ଭାବେ ଭାରତର ଛାତ୍ର ଫେଡେରେସନ ( ଏସ ଏଫ୍ ଆଇ) ର ସର୍ବଭାରତୀୟ ସାଧାରଣ ସମ୍ପାଦକ ଶ୍ରୀଜନ ଭଟ୍ଟାଚାର୍ଯ୍ୟ ଯୋଗଦେଇ ଜଣେ ମାର୍କସବାଦୀ ଚିନ୍ତାଧାରା ରେ ନିଜ ଛାତ୍ର ଜୀବନରୁ ଆରମ୍ଭ କରି ଜୀବନର ଶେଷ ପର୍ଯ୍ୟନ୍ତ କମ୍ରେଡ୍ ସୀତାରାମ ୟେଚୁରୀ ଜଣେ ସାଲିସହୀନ ନେତା ଭାବରେ ସମଗ୍ର ଦେଶରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ସେ ସର୍ବଦା ଯୁବ ଛାତ୍ର ମାନଙ୍କର ଏକ ପ୍ରିୟ ଚେହେରା ଭାବରେ ପରିଚିତ ଥିଲେ। ବର୍ତ୍ତମାନ ଦେଶର ରାଜନୈତିକ ପରିସ୍ଥିତିରେ ଯୁବ ଛାତ୍ର ମାନଙ୍କର ଦେଶରେ ରାଜନିତୀ କୁ ମୋଡ଼ ଦେବାପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାର ଆବଶ୍ୟକତା ରହିଛି ଏବଂ ତାହା ଦେଶର ଯୁବ ଛାତ୍ର ବର୍ଗ ଙ୍କ ଦ୍ୱାରା ସମ୍ଭବ ଏବଂ ଗତ ଜେନଜି ଆନ୍ଦୋଳନ ତାହା ସମ୍ଭବ କରିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଆଲୋଚନା ସଭାରେ କମ୍ରେଡ୍ ସୀତାରାମ ୟେଚୁରୀ ସ୍ମୃତି ସମାରୋହ କମିଟି ର ସାଧାରଣ ସମ୍ପାଦକ ପ୍ରମୋଦ କୁମାର ସାମଲ ସଭାପତିତ୍ୱ କରି କହିଥିଲେ ଯେ କମ୍ରେଡ୍ ସୀତାରାମ ୟେଚୁରୀଙ୍କ ଯୋଗଦାନ କେବଳ ତାଙ୍କର ଦଳ ପାଇଁ ନୁହେଁ ବରଂ ସମଗ୍ର ଦେଶର ଧର୍ମନିରପେକ୍ଷ ଓ ଗଣତାନ୍ତ୍ରିକ ଶକ୍ତି ମାନଙ୍କୁ ସୁଦୃଢ଼ କରିବା କୁ ଉଦ୍ଦିଷ୍ଟ ଥିଲା, ସେ ସର୍ବଦା ଯୁବ ଛାତ୍ର ମାନଙ୍କର ସମସ୍ୟା କୁ ଗୁରୁତ୍ୱ ଦେଉଥିଲେ, ଆଜିର କାର୍ଯ୍ୟକ୍ରମ ରେ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ର ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ସାମିଲ ହୋଇଥିବାରୁ ସେ ଅଭିନନ୍ଦନ ଜଣାଇଥିଲେ। କାର୍ଯ୍ୟକ୍ରମ ରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗଦେଇ କମ୍ରେଡ୍ ସୀତାରାମ ୟେଚୁରୀ ପରି କିମ୍ବଦନ୍ତୀ ରାଜନେତା ଙ୍କ ସ୍ମୃତି ଚାରଣ ଉଦ୍ଦେଶ୍ୟରେ କହିବାକୁ ସୁଯୋଗ ମିଳିଥିବାରୁ ସେ ସମାରୋହ କମିଟିକୁ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ସି ପି ଆଇ ଏମ୍ ରାଜ୍ୟ ସଂପାଦକ ସୁରେଶ ପାଣିଗ୍ରାହୀ, ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ ଅଲି କିଶୋର ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖି କମ୍ରେଡ୍ ସୀତାରାମ ୟେଚୁରୀଙ୍କ ଜୀବନବ୍ୟାପୀ ସାଧନା ଓ ତ୍ୟାଗ ସଂପର୍କରେ ବକ୍ତବ୍ୟ ଦେବା ସହିତ ସାଂପ୍ରଦାୟିକ ଓ ହିନ୍ଦୁତ୍ୱ ଶକ୍ତି ଦେଶପାଇଁ ବିପଦ ଜନକ ବୋଲି ସେ ସର୍ବଦା ଗୁରୁତ୍ୱ ଦେଉଥିବା କଥା କହିଥିଲେ। ପାର୍ଟି ଜିଲ୍ଲା ସଂପାଦକ ମଣ୍ଡଳୀ ସଦସ୍ୟ ତଥା ସମାରୋହ କମିଟି ର ଅଧ୍ୟକ୍ଷ ତଥା ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ କମିଟିର କୋଷାଧ୍ୟକ୍ଷ ଜାହାଙ୍ଗୀର ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ର ଏକ ସ୍ମରଣିକା କୁ ନିମନ୍ତ୍ରିତ ଅତିଥି ଓ ବକ୍ତାମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମ କୁ ସମାରୋହ କମିଟି ର ଉପାଧ୍ୟକ୍ଷ ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ରାଜ କିଶୋର ପ୍ରଧାନ, ପ୍ରଭାତ ପଣ୍ଡା ଓ କମିଟି ସଦସ୍ୟ ବି ପି ମହାପାତ୍ର, ବସନ୍ତ ନାୟକ, ଅନିରୁଦ୍ଧ ତ୍ରିପାଠୀ,ଆନନ୍ଦ ମାସି ହରୋ,ହୃଦୟାନନ୍ଦ ଯାଦବ,ଗୌରୀଶଙ୍କର ପାତ୍ର,ସୁଶିଳା ମୁଣ୍ଡା,ତାଜମୁନ ନେହାର,ମନୋଜ୍ ମିର୍ଦ୍ଧା,ସମୀର ନାୟକ,ଲାଲ ବାହାଦୁର ମହାନ୍ତ,ବାଦଲ ବାରିକ୍ ପ୍ରମୁଖ ପରିଚାଳନା କରିଥିଲେ।

# ରାଉରକେଲା ଅବକାରୀ ବିଭାଗର ଚଢ଼ାଉ

## ବିପୁଳ ପରିମାଣର ମହୁଲି ମଦ ଜବତ



ରାଉରକେଲା, ୧୦/୯(ନି/ପ୍ର): ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ଆଜି ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ୟାପକ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ଅବକାରୀ ଅଧୀକ୍ଷକ, ରାଉରକେଲା ଶ୍ରୀ ଧନେଶ୍ୱର ବରାଡ଼ଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଚଢ଼ାଉ ସମୟରେ ମୋଟ ୧୩ଟି ଅବକାରୀ ମାମଲା ରୁଜୁ କରାଯାଇ ୧୧ ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ଟିମ୍‌ଗୁଡ଼ିକ ପ୍ରାୟ ୨୧୯ ଲିଟର ମହୁଲି ମଦ ଏବଂ ୧୧୬୦ କିଲୋଗ୍ରାମ ମହୁଲ ପୋଚ ଜବତ କରିଛନ୍ତି। ଅବୈଧ ମଦ ପ୍ରସ୍ତୁତି, ଚାଲାଣ ଓ ବିକ୍ରୟ ବିରୋଧରେ ଏଭଳି ଚଢ଼ାଉ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

# ରାସ୍ତା ତଳକୁ ଓଲଟିଲା ବସ, ୨୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ

ପଟ୍ଟାମୁଣ୍ଡାଇ,୧୦/୯(ନି/ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ରଙ୍ଗିନ ତାଳଚୁଆ ରୁ କଟକକୁ ଚାଲୁଥିବା ପ୍ରିନ୍ସି (ଗୌରୀ ଶଙ୍କର) ବସ ପ୍ରତିଦିନ ଭଳି ଆଜି କଟକରୁ ତାଳଚୁଆ ଫେରୁଥିବା ବେଳେ ପଟାମୁଣ୍ଡାଇ କଖାରୁଣି ରାସ୍ତାର ଅଳ୍ପ ଦୂରରେ ଭାରା ସାମ୍ୟ ହରାଇବା ଫଳରେ ଗାଡି ଓଲଟି ପଡ଼ିଯିବା ଫଳରେ ଗାଡି ରେ ଥିବା ୬୦/୭୦ ଜଣ ଯାତ୍ରୀ ଚିତ୍କାର କରିଥିଲେ। ପ୍ରତ୍ୟକ୍ଷଦର୍ଶୀ ମାନେ ତତକ୍ଷଣାତ ଅଗ୍ନିଶମକୁ ଫୋନ କରିଥିଲେ। ଫୋନ ପାଇ ଅଗ୍ନିଶମ ବାହିନୀ ତଥା ଗ୍ରାମାଂଚଳ ଥାନାର ଅଧିକାରୀ ପୁରା ଟିମ ପଠାଇଥିଲେ ତତ୍ ସହିତ ପଟାମୁଣ୍ଡାଇ ଆଦର୍ଶ ଥାନାର ଅଧିକାରୀ ମାନସ ମଲ୍ଲିକ ଓ ପଟାମୁଣ୍ଡାଇ ଏସଡିପିଓ ସୁକାନ୍ତ କୁମାର ପାତ୍ର ଉପସ୍ଥିତ ହୋଇ ଉଦ୍ଧାର କାର୍ଯ୍ୟକୁ ତ୍ୱରାନିତ କରିଥିଲେ। ପରେ ପରେ ଜିଲ୍ଲା ମୋଟର ଜାନ ଅଧିକାରୀଣି କାଜଲ ପ୍ରଧାନ ଓ ସ୍ଥାନୀୟ ଜନସାଧାରଣ ମାନେ ଯାତ୍ରୀ ମାନଙ୍କୁ ଉଦ୍ଧାର କରିଥିଲେ । ରାସ୍ତା କଡର ବୃକ୍ଷ ହିଁ ଆଜି ଏକ ବିରାଟ ଦୁର୍ଘଟଣାରୁ ରକ୍ଷା କରିପାରିଥିଲା। ପଟାମୁଣ୍ଡାଇ ରାଜନଗର ରାସ୍ତାରେ ଭାରି ଯାନ ଚଳାଚଳର ପରମିଶନ ନ ଥାଇ ଶହଶହ ଗାଡି ଚାଲିବା ଫଳରେ ଏବଂ ନିମ୍ନମାନର ଖଣ୍ଡିଆ ଖାବରା ରାସ୍ତା ଯୋଗୁ ପ୍ରତିଦିନ ଦୁଘଟଣା ଘଟୁଛି ବୋଲି ଅଭିଯୋଗ ହେଉଛି।

# ରାଉରକେଲା ସିଭିଲ୍ ଟାଉନସିପ୍ ଶ୍ରୀ ଶ୍ରୀଗଣେଶ ପୂଜା କମିଟି ପକ୍ଷରୁ ୪୦ତମ ମହିମାମୟ ବର୍ଷ ପାଳନ




ରାଉରକେଲା,୧୦/୯(ନି/ପ୍ର): ସିଭିଲ୍ ଟାଉନସିପ୍ ଶ୍ରୀ ଶ୍ରୀଗଣେଶ ପୂଜା କମିଟି ପକ୍ଷରୁ ଚଳିତବର୍ଷ ୪୦ତମ ମହିମାମୟ ବର୍ଷ ପାଳନ କରାଯାଉଛି।୧୯୮୬ ମସିହାରେ ସ୍କୁଲ ପିଲାମାନଙ୍କର ଏକ ଛୋଟ ଗୋଷ୍ଠୀ ଦ୍ୱାରା ଆରମ୍ଭ ହୋଇଥିବା ଶ୍ରୀ ଗଣେଶ ପୂଜା ଆଜି ୪୦ତମ ବର୍ଷରେ ପଦାର୍ପଣ କରିଥିବା ବେଳେ ସେହି ପିଲାମାନେ ଆଜି ସଫଳ ଉଦ୍ୟୋଗୀ, ଶିଳ୍ପପତି, ବୃତ୍ତିଗତ ଏବଂ ସମାଜର ଦାୟିତ୍ୱବାନ ନାଗରିକ ହୋଇପାରିଛନ୍ତି। ୧୯୮୬ ମସିହାରେ ସେମାନଙ୍କୁ ଏକାଠି କରିଥିବା ବନ୍ଧୁତା, ଏକତା ଏବଂ ଭକ୍ତିର ଆତ୍ମା ଆଜି ମଧ୍ୟ ଶ୍ରୀ ଶ୍ରୀ ଗଣେଶ ପୂଜା ସମିତିର ଦୃଢ଼ ମୂଳଦୁଆ। ପ୍ରାରମ୍ଭିକ ବର୍ଷଗୁଡ଼ିକରେ, ଶ୍ରୀ ଗଣେଶ ପୂଜା ସିଭିଲ୍ ଟାଉନସିପର ଏମ୍ଆଣ୍ଡଏଫ୍ (ଗଠର) ବ୍ଲକ ଅଞ୍ଚଳରେ ଅନୁଷ୍ଠିତ ହେଉଥିଲା। ସମିତିରେ ବର୍ଦ୍ଧିତ ଅଂଶଗ୍ରହଣ ସହିତ ସମର୍ଥନ ଏହି ଉତ୍ସବକୁ ସ୍ଥିର ଭାବରେ ବିସ୍ତାରିତ କରିପାରିଛି। ୨୦୦୯ ମସିହାରୁ ଏହା ରାଉରକେଲାର ସିଭିଲ୍ ଟାଉନସିପ୍, ଭେସଜ୍ ପଟେଲ ହସ୍ପିଟାଲ ନିକଟସ୍ଥ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଆସୁଛି। ଏହି ପୂଜା ୪୦ତମ ବର୍ଷରେ ପ୍ରଦାର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମ କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ବିଶ୍ୱାସ, ବନ୍ଧୁତା ଏବଂ ସାମୁହିକ ଆତ୍ମାର ଏକ ମହିମାମୟ ଯାତ୍ରା। ଚଳିତ ୪୦ତମ ବର୍ଷରେ ଶ୍ରୀ ଶ୍ରୀ ଗଣେଶ ପୂଜା ସମିତି ପକ୍ଷରୁ ୫୦ ଫୁଟ ଉଚ୍ଚତା ହାଇଦ୍ରାବାଦର ସ୍ୱର୍ଣ୍ଣଗିରି ଶ୍ରୀ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିର ତୋରଣର ୧୫ ଫୁଟ ଉଚ୍ଚତା ବିଶିଷ୍ଟ ଶ୍ରୀ ଗଣେଶଙ୍କ ମୂର୍ତ୍ତି ପୂଜା ପାଇବେ। ପବିତ୍ର ଶ୍ରୀ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରର ଦିବ୍ୟ ମହିମା ଏବଂ ନିଖୁଣ ସ୍ଥାପତ୍ୟ ଦ୍ୱାରା ରାଉରକେଲାର ଲୋକମାନଙ୍କୁ ଏକ ଅନନ୍ୟ ଆଧ୍ୟାତ୍ମିକ, ସାଂସ୍କୃତିକ ଏବଂ ଭକ୍ତିପୂର୍ଣ୍ଣ ଅଭିଜ୍ଞତା ପ୍ରଦାନ କରିବ ବୋଲି ମତବ୍ୟକ୍ତ କରିଛନ୍ତି ପୂଜା କମିଟି। ଏଥିସହିତ ସ୍ୱତନ୍ତ୍ର ଖାଦ୍ୟ କୋର୍ଟରେ ସ୍ୱାଦିଷ୍ଟ, ପରିଷ୍କାର ପରିଚ୍ଛନ୍ନତା କମିଟି ଦ୍ୱାରା ପରିଚାଳିତ କରାଯିବ ବୋଲି ଆଜି ବ୍ରାହ୍ମଣୀ କ୍ଲବ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଶ୍ରୀ ଶ୍ରୀ ଗଣେଶ ପୂଜା କମିଟି ଦ୍ୱାରା ଏକ ସ୍ୱତନ୍ତ୍ର ଖାଦ୍ୟ କୋର୍ଟ ପରିଚାଳିତ ହେବା ସହିତ ପରିଷ୍କାର ପରିଚ୍ଛନ୍ନତା, ଗୁଣବତ୍ତା ଏବଂ ସ୍ୱାଦ ପ୍ରତି ବିଶେଷ ଧ୍ୟାନ ଦେଇ, ପରିଦର୍ଶକ ଓ ପରିବାର ପାଇଁ ବିଭିନ୍ନ ପ୍ରକାରର ଖାଦ୍ୟ ଉପଲବ୍ଧ କରାଯିବ। ଯେଉଁଥିରେ ରହିଛି ମଥୁରା ଚାଟ୍, ଦକ୍ଷିଣ ଭାରତୀୟ ଖାଦ୍ୟ, ଛୋଲେ କୁଲଚା ପରି ଅନେକ ସ୍ୱାଦିଷ୍ଟ ଖାଦ୍ୟ। ସେପ୍ଟେମ୍ବର ୧୪ ତାରିଖରୁ ଶ୍ରୀ ଶ୍ରୀଗଣେଶଙ୍କ ପୂଜା ଆରମ୍ଭ ହୋଇ ସେପ୍ଟେମ୍ବର ୨୩ ତାରିଖ ପର୍ଯ୍ୟନ୍ତ ୧୦ ଦିନ ଧରି ଆୟୋଜିତ ହେବ। ଉତ୍ସବର ପ୍ରତିଦିନ ଗଣେଶ ପୂଜା, ସକାଳ ଏବଂ ସନ୍ଧ୍ୟା ଆରତୀ, ମହାପ୍ରସାଦ, ସାଂସ୍କୃତିକ କାର୍ଯ୍ୟକ୍ରମ, ଧାର୍ମିକ କାର୍ଯ୍ୟକଳାପ ଏବଂ ସମସ୍ତ ବୟସ ଗୋଷ୍ଠୀର ଲୋକଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବ ବୋଲି ସୂଚନା ଦିଆଯାଇଛି । ପିଲାମାନଙ୍କ ପାଇଁ ବିଶେଷ ମନୋରଞ୍ଜନ ବ୍ୟବସ୍ଥା କରାଯାଇଛି, ଯାହା ଦ୍ୱାରା ଯୁବ ପରିଦର୍ଶକମାନେ ମଧ୍ୟ ସେମାନଙ୍କ ପରିବାର ସହିତ ପର୍ବର ଆନନ୍ଦ ଏବଂ ଖୁସିକୁ ପୂର୍ଣ୍ଣ ଭାବରେ ଅନୁଭବ କରିପାରିବେ। ଚଳିତ ବର୍ଷ, କମିଟି ପକ୍ଷରୁ ପ୍ରୟାସ କରାଯାଇଛି ଯେ ଭକ୍ତି, ସଂସ୍କୃତି, ସ୍ୱାଦ, ମନୋରଞ୍ଜନ ଏବଂ ପାରସ୍ପରିକ କ୍ରିୟାକୁ ମିଶ୍ରଣ କରିବା। ଯାହା ଦ୍ୱାରା ଶ୍ରୀ ଶ୍ରୀ ଗଣେଶ ପୂଜା ପ୍ରତ୍ୟେକ ପରିଦର୍ଶକଙ୍କ ପାଇଁ ଏକ ସ୍ମରଣୀୟ ଅଭିଜ୍ଞତା ହୋଇପାରିବ। ଆଜି ଏହି ସାମ୍ବାଦିକ ସମ୍ମିଳନୀରେ, ଶ୍ରୀ ଶ୍ରୀ ଗଣେଶ ପୂଜା କମିଟିର ସଭାପତି ବିକାଶ ଅଗ୍ରୱାଲ, ଉପାଧ୍ୟକ୍ଷ ମନୀଷ ଅଗ୍ରୱାଲ, ସାଧାରଣ ସମ୍ପାଦକ ବିକାଶ ଶର୍ମା, କୋଷାଧ୍ୟକ୍ଷ କରଣ ଖଣ୍ଡେଲୱାଲ, ସହ-କୋଷାଧ୍ୟକ୍ଷ ଅଜୟ ଗୋୟଲ, ସହ ସମ୍ପାଦକ ମନୋଜ ବରେଲି, ଉପଦେଷ୍ଟା ମନୋଜ ଅଗ୍ରୱାଲ, ନରେଶ ଶର୍ମା, ମିଡିଆ ପ୍ରଭାରୀ ଅଙ୍କିତ କେଡିଆ, ପରାମର୍ଶଦାତା ସୁରେଶ ଅଗ୍ରୱାଲ, ଅମିତ ଗୁପ୍ତା, ଆଲୋକ ମାରୋଥିଆ, ବିକାଶ ଜୈନ ପ୍ରମୁଖ ଉପସ୍ଥିତ ଥିଲେ।

# ଜବରଦଖଲ ଉଚ୍ଛେଦବେଳେ ହିଂସା, ଆରଏସ୍‌ପି ସହରସେବା ଅଧିକାରୀଙ୍କୁ ଆକ୍ରମଣ



ରାଉରକେଲା,୧୦/୯(ନି/ପ୍ର): ବୁଧବାର ପୂର୍ବାହ୍ନରେ ସେକ୍ଟର-୨ ଅଞ୍ଚଳରେ ଏକ ବେଆଇନ ନିର୍ମାଣ ଉଚ୍ଛେଦ ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ରାଉରକେଲା ଇସ୍ପାତ କାରଖାନାର ସହର ସେବା ବିଭାଗ କର୍ମଚାରୀ ଉନ୍ମତ୍ତ ଲୋକଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ସୂଚନା ଅନୁଯାୟୀ, ଆରଏସ୍‌ପିର ଜଣେ ପୂର୍ବତନ କର୍ମଚାରୀ ମଙ୍ଗୁଲୁ ଗୌଡ଼ଙ୍କୁ ୩୩ ମାସର ଲାଇସେନ୍ସ ଭିତିରେ ସେକ୍ଟର-୨ସ୍ଥ କ୍ୱାର୍ଟର ନଂ ସି/୧୦୫ କ୍ୱାର୍ଟର ଆବଂଟନ କରାଯାଇଥିଲା। ତେବେ ଯାଚଂ ସମୟରେ ଶ୍ରୀ ଗୌଡ଼ ଏକ ବିଦ୍ୟୁତ୍ ଖୁଟଂ ନିକଟରେ ବେଆଇନ ନିର୍ମାଣ କରିଥିବା ଜଣାପଡ଼ିଥିଲା। ଆଜି ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ସହର ସେବା ବିଭାଗର ସେକ୍ସନ ଅଫିସର ଜୟନ୍ତ କୁମାର ପ୍ରଧାନ ଓ ଶ୍ରୀକାନ୍ତ ଷଡ଼ଙ୍ଗୀ ନିଜ ଟିମ୍ ସହ ଏହି ବେଆଇନ ନିର୍ମାଣକୁ ଭାଙ୍ଗିବା ପାଇଁ ପହଚିଂ ଥିଲେ। ସେହି ସମୟରେ କିଛି ସ୍ଥାନୀୟ ଲୋକ ଏହାକୁ ପ୍ରତିବାଦ କରିବା ସହ ଅଧିକାରୀମାନଙ୍କୁ ଆକ୍ରମଣ କରିଥିଲେ। ଫଳରେ ଶ୍ରୀ ଷଡ଼ଙ୍ଗୀ ଗୁରୁତର ଆହତ ହୋଇ ଇସ୍ପାତ ଜେନେରାଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଇସ୍ପାତ ସହରାଂଚଳରେ ବିଶେଷକରି ସ୍ୱେରେଜ୍ ଲାଇନ୍ କିମ୍ବା ବିଦ୍ୟୁତ ଖୁଟଂ ନିକଟରେ ରକ୍ଷଣାବେକ୍ଷଣ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ବେଆଇନ ନିର୍ମାଣଗୁଡ଼ିକୁ ନିଜ ଆଡୁ ହଟାଇବା ପାଇଁ ଆରଏସ୍‌ପି ପକ୍ଷରୁ ପୂର୍ବରୁ ବାରମ୍ବାର ସୂଚନା ଦିଆଯାଇଥିଲା। ତେବେ କିଛି ଲିଜ୍‌ଧାରୀ ନିୟମର ଖୋଲା ଉଲ୍ଲଙ୍ଘନକରି ବେଆଇନ ନିର୍ମାଣ କରିଥିବା ଜଣାପଡ଼ିଛି। ଆଗାମୀ ଦିନରେ ବେଆଇନ ନିର୍ମାଣକାରୀଙ୍କ ବିରୋଧରେ ଆହୁରି କଠୋର ଆଭିମୁଖ୍ୟ ଗ୍ରହଣ କରାଯିବ। ଏହାସହ ନିୟମ ଉଲ୍ଲଂଘନକାରୀଙ୍କ କ୍ୱାର୍ଟର ଲାଇସେନ୍ସ ବାତିଲ, ସିଏମ୍‌ଡି ଜବତ, ବାସଗୃହରୁ ବେଦଖଲ ଓ ଭବିଷ୍ୟତରେ ଆରଏସପି ପକ୍ଷରୁ ମିଳୁଥିବା ସମସ୍ତ ସୁବିଧା ସୁଯୋଗରୁ ବଚିଂତ କରାଯିବା ଭଳି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆରଏସ୍‌ପି ପକ୍ଷରୁ କହାଯାଇଛି।

# ସ୍ମାର୍ଟ ପ୍ରଡକ୍ଟ ମିକ୍ସ ମାଧ୍ୟମରେ ମୂଲ୍ୟ ବୃଦ୍ଧିରେ ସେଲ୍ ରାଉରକେଲା ଇସ୍ପାତ କାରଖାନାର ହଟ ଷ୍ଟ୍ରିପ ମିଲ୍-୨ର ଅଗ୍ରଣୀ ପଦକ୍ଷେପ



ରାଉରକେଲା,୧୦/୯(ନି/ପ୍ର): ଗ୍ରାହକଙ୍କ ଆବଶ୍ୟକତା ଅନୁଯାୟୀ ହଟ୍ ରୋଲ୍ଡ (ଏଚ ଆର ) କଏଲ୍ ଏବଂ ଏଚ ଆର ସିଟ୍ ଉତ୍ପାଦନ କରୁଥିବା ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି )ର ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ୍-୨ (ଏଚ ଏସ ଏମ -୨ ) ଅଗଷ୍ଟ ୨୦୨୬ରେ ଭ୍ୟାଲୁ-ଆଡେଡ୍ ଓ ସ୍ପେସିଆଲ୍ ଗ୍ରେଡ୍ ଷ୍ଟିଲ୍ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବର୍ତ୍ତମାନର ବଜାର ଚାହିଦା ଏବଂ ସେଲ୍‌ର ସ୍ମାର୍ଟ ଓ ଭ୍ୟାଲୁ-ଓରିଏଣ୍ଟେଡ୍ ପ୍ରଡକ୍ଟ ମିକ୍ସ ଉପରେ ଗୁରୁତ୍ୱକୁ ଅନୁସରଣ କରି ହଟ୍ ଷ୍ଟ୍ରିପ୍ ମିଲ୍-୨ ଅଗଷ୍ଟ ମାସରେ ପତଳା ସେକ୍ସନ୍ ଏବଂ ସ୍ପେସିଆଲ୍ ଗ୍ରେଡ୍ ଷ୍ଟିଲ୍ ଉତ୍ପାଦନ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲା। ଏହି କ୍ରମରେ ମିଲ୍ ପକ୍ଷରୁ ୨ ମି.ମି. ଏବଂ ତା'ଠାରୁ କମ୍ ମୋଟେଇର ୮୪୩ଟି କଏଲ୍, ସହ ମୋଟ ୧୬,୩୯୫ ଟନ୍ ଏଚ ଆର କଏଲ୍, ଉତ୍ପାଦନ କରାଯାଇଥିଲା। ପତଳା ଗେଜ୍ ଉତ୍ପାଦ ପ୍ରତି ବୃଦ୍ଧିଶୀଳ ବଜାର ଚାହିଦା ପୂରଣ ସହ ଏହା ଉତ୍ପାଦର ବିକ୍ରୟ ମୂଲ୍ୟ ଓ ମୂଲ୍ୟ ବୃଦ୍ଧିରେ ସହାୟକ ହୋଇଛି। ସ୍ପେସିଆଲ୍ ଷ୍ଟିଲ୍ କ୍ଷେତ୍ରରେ ଏକ ସ୍ୱତନ୍ତ୍ର କ୍ୟାମ୍ପେନ୍ ସମୟରେ ହଟ୍ ଷ୍ଟ୍ରିପ୍ ମିଲ୍-୨, ୧୫.୯ ମି.ମି. ମୋଟେଇର ଏପିଆଇ ଏକ୍ସ ୭୦ ପିଏସଏଲ ୨ ସ୍ୱତନ୍ତ୍ର ଗ୍ରେଡ୍ ଷ୍ଟିଲ୍‌ର ୬୧ଟି କଏଲ୍ ସହ ମୋଟ ପ୍ରାୟ ୧,୭୭୦ ଟନ୍, ସଫଳତାର ସହ ରୋଲ୍ କରିଛି। ଏହି ସଫଳତା ବଦଳୁଥିବା ଗ୍ରାହକ ଓ ବଜାର ଆବଶ୍ୟକତା ଅନୁଯାୟୀ ଉଚ୍ଚମୂଲ୍ୟର ଏବଂ କଠୋର ଗୁଣମାନ ମାନଦଣ୍ଡ ବିଶିଷ୍ଟ ଉତ୍ପାଦ ତିଆରି କରିବାରେ ମିଲ୍‌ର କ୍ଷମତାକୁ ପ୍ରତିଫଳିତ କରୁଛି। ପତଳା ସେକ୍ସନ୍ ଏବଂ ସ୍ପେସିଆଲ୍ ଗ୍ରେଡ୍ ଉତ୍ପାଦ ଉପରେ ଏହି ରଣନୀତିକ ଗୁରୁତ୍ୱ ପ୍ଲାଟଂର ଲାଭାର୍ଜନରେ ସକାରାତ୍ମକ ପ୍ରଭାବ ପକାଇବା ସହ ଉନ୍ନତ ଉତ୍ପାଦ ମୂଲ୍ୟ ଓ ଭ୍ୟାଲୁ ଆଡିସନ୍ ମାଧ୍ୟମରେ ବ୍ୟବସାୟିକ ଲାଭ ବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଉଛି। ଏହି ପଦକ୍ଷେପ ବଜାରର ପରିବର୍ତ୍ତିତ ପରିସ୍ଥିତି ପ୍ରତି କାରଖାନାର ଦ୍ରୁତ ପ୍ରତିକ୍ରିୟାଶୀଳତା ସହ ସେଲ୍ ର ବ୍ୟାପକ ବ୍ୟବସାୟିକ ରଣନୀତି ସହ ଉତ୍ପାଦନକୁ ସମନ୍ୱିତ କରିବାର ପ୍ରତିବଦ୍ଧତାକୁ ମଧ୍ୟ ଦର୍ଶାଉଛି। ଏଥିସହ ହଟ୍ ଷ୍ଟ୍ରିପ୍ ମିଲ୍-୨ ଗ୍ରାହକଙ୍କ ଅର୍ଡର ଏବଂ ବଜାର ଚାହିଦା ଅନୁଯାୟୀ ବିଭିନ୍ନ ଗ୍ରେଡ୍ ଓ ମୋଟେଇର ଅନ୍ୟାନ୍ୟ ଉତ୍ପାଦ ମଧ୍ୟ ନିୟମିତ ଭାବେ ଉତ୍ପାଦନ କରିଆସୁଛି। ଏହା ମାଧ୍ୟମରେ ମିଲ୍ ଏକ ସନ୍ତୁଳିତ ଓ ଗ୍ରାହକ-କେନ୍ଦ୍ରିକ ପ୍ରଡକ୍ଟ ପୋର୍ଟଫୋଲିଓ ବଜାୟ ରଖିଛି। ଏହି ସଫଳତାକୁ ଆହୁରି ଗୌରବମୟ କରି ହଟ୍ ଷ୍ଟ୍ରିପ୍ ମିଲ୍-୨ ଅଗଷ୍ଟ ମାସରେ ଏଚ ଆର କଏଲ୍ ଏବଂ ଏଚ ଆର ପ୍ଲେଟ୍— ଉଭୟ କ୍ଷେତ୍ରରେ ସର୍ବକାଳୀନ ଶ୍ରେଷ୍ଠ ଉତ୍ପାଦନ ରେକର୍ଡ କରିଛି। ଏହା ମିଲ୍‌ର କାର୍ଯ୍ୟକ୍ଷମତାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଷ୍ଟୋନ୍। ହଟ୍ ଷ୍ଟ୍ରିପ୍ ମିଲ୍-୨ର ଏହି ସଫଳତା ଅପରେସନାଲ୍ ଏକ୍ସେଲେନ୍ସ, ଉତ୍ପାଦନରେ ନମନୀୟତା ଏବଂ ବଜାର ପ୍ରତି ଦ୍ରୁତ ପ୍ରତିକ୍ରିୟାଶୀଳତାକୁ ଏକତ୍ର କରିବାର ମିଲ୍‌ର ବଢୁଥିବା କ୍ଷମତାକୁ ପ୍ରମାଣିତ କରୁଛି। ଏହା ଆରଏସପିର ମୂଲ୍ୟ ସର୍ବାଧିକୀକରଣ ଏବଂ ସାମଗ୍ରିକ ବ୍ୟବସାୟିକ ପ୍ରଦର୍ଶନକୁ ଆହୁରି ସୁଦୃଢ଼ କରିବା ଦିଗରେ ଚାଲିଥିବା ପ୍ରୟାସକୁ ମଧ୍ୟ ଶକ୍ତି ପ୍ରଦାନ କରିଛି।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଧାୟକଙ୍କ ୬୮ତମ ଜନ୍ମଦିନ ପାଳନ




ରାଉରକେଲା,୧୦/୯(ନି/ପ୍ର): ରାଉରକେଲା ବିଧାୟକ ତଥା ଓଡ଼ିଶା ସରକାରଙ୍କ ପ୍ରାକ୍ତନ ମନ୍ତ୍ରୀ ଶ୍ରୀ ଶାରଦା ପ୍ରସାଦ ନାୟକଙ୍କ ୬୮ତମ ଜନ୍ମଦିନ ଅବସରରେ ଆଜି ଅମର ଭବନଠାରେ ରାଉରକେଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କର ଜନ୍ମଦିନ ବେଶ୍ ଧୁମଧାମରେ ପାଳନ କରାଯାଇଛି। ପ୍ରଥମେ ଜଗନ୍ନାଥ ମହାପ୍ରଭୁ ଏବଂ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି/ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ରାଜସ୍ଥାନ ପରିଷଦର ସଭାପତି ଜଗଦୀଶ ହରିତ ଏବଂ ତାଙ୍କର ପଦାଧିକାରୀଗଣ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ପ୍ରଦାନ କରି ସ୍ୱାଗତ ଓ ଶୁଭେଚ୍ଛା ଜଣାଇଥିଲେ। ଏହାପରେ ରାଉରକେଲା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍, ରାଉରକେଲା ହୋଟେଲ ଆଣ୍ଡ ରେଷ୍ଟୁରାଂଟସ୍ ଆସୋସିଏସନ୍, ହରିୟାଣା ନାଗରିକ ସଂଘ, ମାରୱାଡ଼ି ଯୁବ ମଟଂର ତିନୋଟି ଶାଖା (ରାଉରକେଲା, ସିଟି ଏବଂ ଜାଗୃତି) ସହିତ ପ୍ରାନ୍ତୀୟ ସଭାପତି ଅଜୟ ଶର୍ମା ଅଭିନନ୍ଦନ ଜ୍ଞାପନ କରିଥିଲେ। ତେରାପନ୍ଥୀ ଜୈନ ସମାଜର ସଭାପତି ନିମୁ ଜୈନ, ଶ୍ରୀ ଗୁରୁ ସିଂହ ସଭା ଶିଖ ସମାଜ, ରୋମାନିଆ କମିଟି, ଅଞ୍ଜୁମନ୍ ଇସଲାହୁଲ୍ ମୁସଲମିନ୍, ଉତ୍ତର ଭାରତ ସମନ୍ୱୟ କମିଟି, ସ୍ୱର୍ଣ୍ଣକାର ସମିତି, ମଦ୍ରାସା ମିସ୍ବାଲ୍ ଉଲୁମ୍ ନାଲା ରୋଡ୍, ବାଣିଜ୍ୟିକ ଆସୋସିଏସନ୍ ଫ୍ରୁଟ୍ ମାର୍କେଟ୍, ଦୁର୍ଗା ପୂଜା କମିଟି ବିସ୍ରା ରୋଡ୍, ମଧୁସୂଦନ ମାର୍କେଟ୍ କମିଟି, ଡାଲମିଆ କଲେଜର ପ୍ରାକ୍ତନ ପ୍ରଧାନଚାର୍ଯ୍ୟା, ବିଶ୍ୱକର୍ମା ପୂଜା କମିଟି ବଣ୍ଡାମୁଣ୍ଡା, କଳିଙ୍ଗ ସ୍ପୋର୍ଟସ୍ ଫେଡେରେସନ୍, କନଫେଡେରେସନ୍ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସର ସଭାପତି ଶ୍ରୀ ବ୍ରଜମୋହନ ଅଗ୍ରୱାଲଙ୍କ ସହିତ ଆଜିର ଆୟୋଜନରେ ଶାରଦା ଭାଇଙ୍କ ପ୍ରେମୀ ପ୍ରମୋଦ ଶର୍ମା, ସମସେର ଅଲ୍ଲୀ, ଇଜାଜତ୍ ଅହମଦ (ଗୁଡ୍ଡୁ), ପପୁ ଜୟସ୍ୱାଲ, ବ୍ରଜେଶ ମହତୋ, ନରେଶ ଅଗ୍ରୱାଲ, ବିନୟ ସିଂହ, ନିତିନ ଚାୱଲା, ଉମେଶ ସାଉ, ମହମ୍ମଦ ଅଜଗଦ, ମୁନ୍ନା ବିଲାଲ, ସୁନୀଲ ବେରୁଆ, ଓମପ୍ରକାଶ ସାହି, ସଞ୍ଜୟ ବବୁଟା, ସୁଶାନ୍ତ ରାଉତ (ବୁବ୍ଲି) ପ୍ରମୁଖ ଶାରଦା ଭାଇଙ୍କ ପ୍ରେମୀମାନଙ୍କ ସହ କେକ୍ କାଟିଥିଲେ ଏବଂ ତାଙ୍କର ଦୀର୍ଘାୟୁ କାମନା କରି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଜନ୍ମଦିନ ଉପଲକ୍ଷେ ରକ୍ତଦାନ ଶିବିରରେ ୬୮ ୟୁନିଟ୍ ରକ୍ତଦାନ କରିବାକୁ ଲକ୍ଷ୍ୟ ରଖାଯାଇଥିଲା ।